# ଯୁଗଦାସଙ୍କର ଯମୁନାକୁ କୋଟି ଜୁହାର



ଡ. ସୁଜିତ କୁମାର ପୃଷେଠ

ଭାରତୀୟ ସଭ୍ୟତାକେ, ସଂସ୍କୃତିକେ ସବୁ ସମିୟାନ ସମାଜର ସାଧାରଣ୍ ଲୋକ୍ମାନେ ସେମାନଙ୍କର ଅସାଧାରଣ ଆଉ ଉଚ୍ଚାଦର୍ଜାର୍ ଆଚରଣ ଆର ଉଚ୍ଚାରଣଥି ମହକେଇ ଦେଇ ଆସିଛନ୍। ଆଉ ସେବା ହିଁ ଭାରତୀୟ ସଭ୍ୟତା ଆଉ ସଂସ୍କୃତିକେ ପରା ଦୁନିଆଥି ଅଲଗା ପରିଚଏ ଦେଇଛେ। ସମାଜର ସେ ସାଧାରଣ ଲୋକମାନେ ପୁରୁଷ୍ ଆନ୍ ଆଉ ମହିଲା ଭି ଆନ୍। ଆଉ ସେମାନଙ୍କର ଉଚ୍ଚାଦର୍ଜାର ଚିନ୍ତା ଆର ଚେତନା ତାଙ୍କର ନିଜସ୍ୱ ଆର ସେଥି ଆନୁଷ୍ଠାନିକ ଶିକ୍ଷାଦୀକ୍ଷାର କେନ୍‌ସି ଯୋଗଦାନ୍ ନାଇଁ ଦେଖିବାର କେ ମିଲେ। ସବୁଠାନୁ ଗୁରୁତ୍ୱପୂର୍ଣ୍ଣ କଥା ହେଲାଇ ଅସାଧାରଣ ଚରିତ୍ରମାନେ ସେମାନଙ୍କର ସାଧାରଣ ଜୀବନଶୈଳୀଥି ସେ ସବୁ ଉଚ୍ଚାଦର୍ଜାର ଚିନ୍ତା ଆଉ ଚେତନାକେ ମିଶେଇ ଦେଇଥିଲେ।

ଭାରତୀୟ ସଂସ୍କୃତିକେ, ସଭ୍ୟତାକେ ନିଜର ମହତ ଚିନ୍ତା ଆର ଚେତନାଥି ମହକେଇ ଦେଇଥିବାର ଚରିତ୍ର ଝନେ ହେଲେ ଆଦିବାସୀ ମହିଲା ଯମୁନା। ନରସିଂହ ନାମର ଗନ୍ଧମାର୍ଦ୍ଦନ ପାହାଡ ତଳିଆ ଗାଁନେ ଗୁଟେ ଆଦିବାସୀ ପରିବାରଥି ଜନମ୍ ହୋଇଥିଲେ ଆଉ ପାଖରେ ଗୁଟେ ଗାଁ କେ ବହ ହେଇକରି ଯାଇଥିଲେ। ତାଙ୍କର ସ୍ୱାମୀ ଥିଲେ ହରିଶଙ୍କର ଦୁହେଁ ସବୁଦିନ ଗନ୍ଧମାର୍ଦ୍ଦନ ପାହାଡକେ କନ୍ଦାମୂଳ, ଜଡିବୁଟି, ଫଳମୂଳ ଲାଗି ଯାଉଥିଲେ ଆଉ ସେଥିରୁ ଘର ଚଲଉଥିଲେ। ହସିଁ ଖୁସିଥି ଜୀବନ ଗନ୍ଧମାର୍ଦ୍ଦନର ପ୍ରକୃତିର କୁଳେ ବିତୁଥିଲା। ଦିନେ ସଖାଲୁ ଯମୁନା ଆଉ ହରି ଜଙ୍ଗଲୀ କନ୍ଦା କୁଡବାର ଲାଗି ଯାଇଥିଲେ। ଝରନା କୂଳେ ଗୁଟେ ଜାଗାନେ ଯମୁନା ଗଏଁତିରେ ମାଏତ୍ କୁଡଲା ବେଳେ ମାଏଟ୍ ଭିତରୁ ରକତ୍ ଧାର ମାଏଟ୍ ଉପରକେ ଆଏଲା। ରକ୍ତ ଧାର ଦେଖିକରି ଯମୁନାଙ୍କର ହୋସ୍ ଉଡିଗଲା ଆର ସେଠାନେ ସେ ମୂର୍ଚ୍ଛା ହେଇକରି ପଡ଼ିଗଲା। କିଛି ସମିୟା ଉତାରୁ ହରି ଆସିକରି ମୂର୍ଚ୍ଛିତ୍ ଯମୁନାଙ୍କର ମୁହେଁ ଝରନାର୍ ପାଏନ୍ ଝିଁଟଲାପରେ ଯମୁନାଙ୍କର ହୋସ୍ ଫିରଲା ଆଉ ସେ ସବୁ କଥା ହରିଙ୍କୁ ବତାଲେ। ସେତେବେଳେ ଶୂନ୍ୟନୁ ଶବଦ୍ ଆଏଲା କି ମୁଁଇ ନରସିଂହ ନାଥ ମାହାପ୍ରୁ ମାଏତ୍ ତଲେ ଅଛେ। ମତେ ନେଇକରି ଘରେ ରଖ ଆଉ ରଜାକେ ଖବର ଦିଅ। ସାଙ୍ଗେ ସାଙ୍ଗେ ଯମୁନା ଆର ହରି ମାଏଟ୍ ତଲୁ ଗୁଟେ କଳା ମୁଗନି ପଥରର ମୂର୍ତ୍ତି ବାହର କଲେ ଯାର ମୁଡ ଥିଲା ଗୁଟେ ମାର୍ଜାର (ବିଲେଇ)ର ଆଉ ଦିହିଥିଲା କେଶରୀ (ସିଂହ)ର। ଆଉ ମୁହୁଁ ରକତ୍ ଧାର ନାଇଁ ଶୁଖିଥାଇ ଯମୁନା ଆର ହରି ଦୁହେଁ ମାର୍ଜାର କେଶରୀକୁ ମୁଡ଼ିଆ ମାରିକରି ତାକୁ ଝରନାର ପାନି ତାକୁ ଗୁଧେଇଦ ଦେଲେ ଆର ଗୁଟେ ବାଉଁଶପାତିଆର ଭୁଗାଥି ଫୁଲ ରଖିକରି ତାର ଉପରେ ମାର୍ଜାର କେଶରୀକୁ ବସେଇ ଦେଲେ। ତାର ପରେ ଯମୁନା ମୁଡେ ଉଢ଼ନା ଦେଇକରି ସେ ଭୁଗାକେ ମୁଡେ ବୁହେଲେ ଆଉ ହୁଲହୁଲି ଦେଇକରି ଘରଆଡେ ଚାଲି ବସଲେ। ଘରେ ରଖି କରି ତାଙ୍କୁ କଳାପିଠା ପରସାଦ ଚଢାଲେ ଆଉ ମାର୍ଜାର କେଶରୀକର ସେବା ଯତନ୍ ସାଙ୍ଗେ ପୂଜା କଲେ ଆଉ ଗନ୍ଧମାର୍ଦ୍ଦନର ପାଦଦେଶେ ଝରନାକୂଳେ ଗୁଟେ ଉଚ୍ଚ ମନ୍ଦିର ବନେଇକରି ପୂଜାର୍ଚ୍ଚନା କଲେ।

ଝନେ ଆଦିବାସୀ ମହିଲା ଯମୁନା ହିନ୍ଦୁଧର୍ମର ଝନେ ଆରାଧ ଦେବତାଙ୍କୁ ପାଇବାର ବହୁତ ଅନନ୍ୟ କଥା ଆଏ। ଫେର ଝନେ ଶିକ୍ଷାଦୀକ୍ଷା ରହିତ ଆଦିବାସୀ ମହିଲା ମାର୍ଜାର କେଶରୀ ରୂପୀ ନରସିଂହନାଥକର ଆଦ୍ୟ-ସେବିକା ଆଉ ଆଦ୍ୟ-ଉପସିକା ହେବାର ସୌବାଗ୍ୟ ପାଏବାର ଘଟନା ବହୁତ ବିରଲ୍।

ଇ ମହନିୟ ଘଟ୍ନାଥି ବହୁତ୍ ପ୍ରବାବିତ ହୋଇଥିଲେ ନରସିଂହନାଥର ଗନ୍ଧମାର୍ଦ୍ଦନ ପାହାଡର ପାଦଦେଶେ ରହୁଥିବାର୍ କବି ଯୁଗଦାସ, ସେଥିଲେ ମନରଙ୍ଗ ଦୁର୍ଗେଇ ଖୋଲ ଗାଁମାନକର ଅଧିବାସୀ। ସାଧାରଣ ଜୀବନ୍ ବିତଉଥିଲେ। ସାରସ୍ୱତ ସିର୍ଜନ, ସାରସ୍ୱତ ସାଧନା ସାଙ୍ଗେ ଆଧାତ୍ମିକ ଜୀବନଟେ ବିତଉଥିଲେ। ଯୁଗଦାସ ଲେଖୁଥିଲେ ତାଲ୍ ପତରର ପୁରଥି। ତାକର ସିରଜିନାର ଭାଷା ଥିଲା ଓଡ଼ିଆ। ଭାଷା ଲେଖବାର୍ ଶୈଳୀ, ଶବଦ୍ ବ୍ୟବହାର ଆଉ ବର୍ଣାନଥି ଯୁଗଦାସ ଥିଲେ ପାରଙ୍ଗମ। ସାଧାରଣ ଆଦିବାସୀ ମହିଲା ଚରିତ୍ର ଯମୁନା ତାକର ଲାଗି ବଡେ ସମ୍ମାନର ଲୋକଥିଲେ। ଯୁଗଦାସ ନରସିଂହନାଥ ମାହାପ୍ରୁକର କଥା ଆଉ ମହିମାକେ ନେଇ କରି ସିର୍ଜିନା କରିଥିଲେ ଓଡ଼ିଆ ଭାଷାଥି ନୃସିଂହ ଚରିତ, ଯୁଗଦାସକର ଉନ୍ନତ ଭଷା, ବର୍ଣନା ନୃସିଂହ ଚରିତ କେ ଓଡିଆ ଭାଷା ଆଉ ସାହିତ୍ୟର ଅମୂଲ୍ୟ ସମ୍ପଦ୍ ଆଏ ଇତାର ସାଙ୍ଗେ ଗନ୍ଧମାର୍ଦ୍ଦନର ପାଦ୍‌ତଲେ ରହୁଥିବାର କବି ଯୁଗ ଦାସ ଓଡ଼ିଆ ଭାବେ ସାହିତ୍ୟକେ ସମରୁଦ୍ଧ କରିଥିବାର ଝନେ ଉଚ୍ଚଦର୍ଜାର କବି। ସବୁଠାନୁ ବଡ଼ କଥା ହେଲା ଯେ, କବି ଯୁଗ ଦାସ ସାଧାରଣ ଆଦିବାସୀ ମହିଲା ଯମୁନାକୁ ହିନ୍ଦୁ ଧର୍ମର ଆରାଧ ଦେବତା ମାର୍ଜାର କୋଲନୀ ନରସିଂହ ନାଥଙ୍କର ଆଦ୍ୟ ଉପାସିକା ଭାବେ ପୁରା ଦୁନିଆନେ ଚିହ୍ନେଇ ଦେଇଛନ୍ତି।

ନୃସିଂହ ଚରିତ ନେ କବି ଯୁଗ ଦାସ ବର୍ଣନା କରିଛନ୍ତି ଯେ, ମହାପ୍ରୁ ନରସିଂହନାଥ ଯମୁନାକର ସରଲ୍ ବ୍ୟବହାର, କପଟ ୍ରହିତ ଜୀବନ ଭକ୍ତି, ସମର୍ପଣ ଆର ନିଷ୍ଠାଥି ଉଷତ ହେଇକରି ଯମୁନାକୁ କିଛି ବର ମାଗବାର ଲାଗି କହିଥିଲେ। ଶିକ୍ଷାଦୀକ୍ଷା ରହିତ ଆଦିବାସୀ ମହିଲା ଯମୁନା ଚାହିଁଥିଲେ ମାହାପ୍ରୁକରନୁ ଅପର୍ଯ୍ୟାପ୍ତ ପଏସା ଟଁକା, କଉଡି, ହୀରା, ନୀଲା, ମୋତି, ମାଣିକ୍ୟ, ସୁନା, ରୂପା ସାଙ୍ଗେ ବହୁତ ଜମିବାଡି, ଘର ଦୁଆର, ଗାଏ ବଳଦ୍ , ଧନ୍ ଜନ୍ ମାଗି ପାରିଥିତେ। ହେଲେ ତାକର ଚିନ୍ତା ଧାରା ଚେତନା ଥିଲା ଉଚ୍ଚାଦର୍ଜାର। ଯମୁନା ହାତ୍ ଯୁଡିକରି ମାହାପ୍ରୁକୁ ବର ମାଗଲେ ଯେନ୍ କଥାକେ ବହୁତ ସୁନ୍ଦର ଭାବେ ଆଉ ବହୁତ୍ ମାର୍ମିକ ଭାଷାଥି କବି ଯୁଗଦାସ ବର୍ଣନା କରିଛନ

ଭାବରୂଣୀ ବୋଲେ ବର ଦେବ ଯେବେ ଦେବ,
ମୋ ଖନନ୍ତି ଚିହ୍ନ ତୁମ୍ଭ ଶିରେ ଥିବ।

ଯମୁନା କହେଲେ ମାହାପ୍ରୁ ମତେ ବର ଦିଅ ଯେ ମୋର ଗଏଁତି ମାଡ଼ଥି ତମର ମୁଡେ ଯେନ ଚିହ୍ନା ଅଛେ ସେତା ସବୁ ଦିନ ତମର ମୁଡେ ଥାଉ, ଇନେ ଯମୁନାକର ଚରିତ୍ର ବିପ୍ରଣଥି କବି ଯୁଗଦାସ ଭାରତୀୟ, ସଭ୍ୟତା, ସାହିତ୍ୟ, ସଂସ୍କୃତି ଆଉ ଧାର୍ମିକ ଜୀବନ୍‌ଥି ଗୁଟେ ନୂଆ ଫରଦ ଯୁଡି ଦେଇଛନ୍। ଆଉ ଫେର ଭଗବାନକର ଉପରେ ଭକ୍ତର ଅଧିକାର କଥାକେ ଉଜାଗର କରିଛନ୍।

ନରସିଂହନାଥ ମାହାପ୍ରୁ ଫେର୍ ଯମୁନାକୁ କହେଲେ ଆର କିଛି ଅଧିକା ବର ମାଗ। ଆଦିବାସୀ ମହିଲା ଯମୁନା ଫେର୍ ନିଜର ଉଚ୍ଚା ଚିନ୍ତା ଆଉ ଚେତନା କେ ଉଜାଗର କରିଛନ୍। ଯମୁନା ତାକର ନିଜର ଭଗବାନ୍ ମାଣିକେଶରୀ ନରସିଂହନାଥକୁ ବର ମାଗଲେ ଯେନ କଥାକେ କବି ଯୁଗଦାସ ସୁନ୍ଦର ଭାଷାର ବର୍ଣ୍ଣନା...

"ତୁମ୍ଭ ମନ୍ଦିରର ଅଗ୍ନିକୋଣେ ମୁହିଁ ଥିବି
ଯୁଗେ ଯୁଗେ ଏ ଦେହେ ଦ୍ୱାରୀ ମୁହିଁ ହେବି"।

ଯମୁନା ବଏଲେ, ମାହାପ୍ରୁ, ତମର ମନ୍ଦିର ବନ୍‌ଲାପରେ ସେ ମନ୍ଦିରର ଅଗ୍ନିକୋଣଥି ମତେ ଜାଗା ଟିକେ ଦେବ ଯେନେ ମୁଇଁ ରହେମି। ଆଉ ତମର ମନ୍ଦିରର କବାଟକେ ମୁଇଁ ଦ୍ୱାରୀ ବା ଜଗୁଆଲୀ ହେଇକରି ଇ ଶରୀର ଧରି କରି ଯୁଗ୍ ଯୁଗ୍ ଧରି ତମର ପାଶେ ରହେମି। ଆଦିବାସୀ ମହିଲା ଯମୁନାଙ୍କର ବହୁତ ରଙ୍ଗ ଚିନ୍ତା ଆଉ ଚେତନା ତାଙ୍କୁ ଭାରତୀୟ ଆଧାତ୍ମିକ ପରମ୍ପରାନେ ଝନେ ବିରଲ୍ ଆଧାତ୍ମିକ ବ୍ୟକ୍ତିର ଅଧିକାରିଣୀ ଭାବେ ସମ୍ମାନିତ କରିଛେ। କବି ଯୁଗ ଦାସ୍‌ଙ୍କର ବର୍ଣ୍ଣନା ଭି ଯମୁନା ଚରିତ୍ରକେ ଆହୁରି ମାର୍ମିକ କରିଦେଇଛେ।

କବି ଯୁଗ ଦାସ ତାଙ୍କର .......ନୃସିଂହ ଚରିତାନେ ସାଧାରଣ ଆଦିବାସୀ ମହିଲା ଯମୁନାକୁଁ ଦିବ୍ୟପ୍ରତିଭା ହିସାବେ ଚିହ୍ନେଇଛନ୍। ପୁରା ଜଗତ୍‌ର ଯିଏ କର୍ତ୍ତାଧର୍ତ୍ତା ତାଙ୍କୁ ଝନେ ସାଧାରଣ ଆଦିବାସୀ ମହିଲା ନିଜର ମୁଡେ ବୁହିକରି ହୁଲ୍‌ହୁଲି ଦେଇ କରି ନେଉଥିବାର ଦୃଶ୍ୟଟେ କବି ଯୁଗ ଦାସ ଯେନ୍ତା ବର୍ଣ୍ଣନା କରିଛନ୍ତି ସେଟା ମନ୍‌କେ ଛୁଇଁ ଯାଏସି ଆର ମନ ଭିତରେ ଆଧାମି**ô**କତାର ଲହଡ଼ିକେ ଖେଳି ଯାଏସି। କବି ଯୁଗ ଦାସଙ୍କର ଅମର୍ ପଦାବଳୀଥି ଯମୁନା ଅମର ହେଇଯାଇଛନ୍। କବି ଯୁଗ ଦାସକଁର ଭାଷାଥି

ଶବରୁଣୀ କେଉଁ ଜନ୍ମେ କେଉଁ ତପ କଲା,
ବ୍ରହ୍ମାଣ୍ଡ ଠାକୁରଙ୍କୁ ମୁଣ୍ଡରେ ବୋହିଲା।

ଯମୁନା ନିଶ୍ଚିତ ଭାବେ ବିଭୁକୃପା ଲାଭ୍ କରିଥିଲେ ଆର ତାଙ୍କର ରଙ୍ଗ ଚିନ୍ତା ଆଉ ଚେତନା ତାଙ୍କୁ ଗାରିମାୟୀ କରିଥିଲା।

କବି ଯୁଗ ଦାସଙ୍କର ସେ ଅନନ୍ୟ ଚରିତ୍ର ଯମୁନାକୁଁ କୋଟି ଜୁହାର।

ଆଇଆଇଏମ୍, ସମ୍ବଲପୁର
୯୮୬୮୭୬୬୭୦୫

















# ଆପଣା କଲା କର୍ମ ମାନ



ଲଳିତା ଖଣ୍ଡା

ହେ, ଏମିତି କଣ ଗୋଟେ କହୁଛ! ଗରିବ ହେଲା ବୋଲି ତାର କଣ କିଛି ଇଜ୍ଜତ ମହତ ନାଇଁ ନା କ'ଣ? 'ଗରିବ ମାଇପ ସବୁରି ଶାଳୀ' ନ୍ୟାୟରେ ବିଚାରୀ ସୁଲିକୁ ଏମିତି ଅପମାନ ଦେବା କ'ଣ ଠିକ୍ ହେଉଛି।

ଆଶୁତୋଷ କ୍ଷୋଭପୂର୍ଣ୍ଣ ସ୍ୱରରେ କହୁଥିଲା। ସେହି ତାର ଫାଲତୁ ଗପ ଜମେଇଥିବା ବନ୍ଧୁମାନଙ୍କୁ। ସେମାନେ ହେଲେ ସୌମେଶ, ରାଘବ, ବନବୀର ଓ ଆଦର୍ଶ ସମସ୍ତେ ଏକା ବ୍ୟାଚର ବିଟେକ୍ ପିଲା।

ସୁଲି ତାଙ୍କ ମେସ୍‌ରେ ରୋଷେଇ କରୁଥିବା କାଳିଆର ସ୍ତ୍ରୀ। ପୂର୍ବରୁ କାଳିଆ ସାଙ୍ଗରେ ସରୋଜ ବୋଲି ପିଲାଟିଏ ଥିଲା, ତାକୁ କଟାକଟି ସଫାସଫି କାମରେ ସାହାଯ୍ୟ କରିବାକୁ। ସିଏ କାମ ଛାଡି ଦେବାରୁ ଏବେ ସୁଲି ଆସୁଛି, କାଳିଆ ସାଙ୍ଗରେ ମିଶି ରୋଷେଇ କରୁଛି। ଗରିବ ଘର ଝିଅ ଗରିବ ଘର ବୋହୂ ହେଲେ ବି ସୁଲିର ଚାଲି ଚଳନ ଭାରି ଭଲ। ଶ୍ୟାମଳ ବର୍ଣ୍ଣ ହେଲେ କ'ଣ ହେବ ଦେହର ଗଢଣ ଅଛି। ମୋଟାମୋଟି ଭାବରେ ସୁଲିକୁ ସୁନ୍ଦରୀ ନ କହିଲେ ବି ଅସୁନ୍ଦରୀତ ଜମା କହି ହେବନି। ପ୍ରଥମେ ପ୍ରଥମେ ସୁଲି ମେସ୍‌କୁ ଆସିଲା ବେଳେ ଭାରି ସଂକୋଚ କରୁଥିଲା। ଯୁଆନ ଯବାନ ଟୋକାଙ୍କ ମେଳରେ କାମ କରିବାକୁ ତାକୁ ଭାରି ଲାଜ ମାଡୁଥିଲା। ହେଲେ ମନରେ ଗୋଟେ ଭରସା ଥିଲା ତା ସାଙ୍ଗରେ ତା ନିଜ ଲୋକଟା କାଳିଆ ତ ଅଛି।

ଅବଶ୍ୟ ମେସ୍‌ରେ ସବୁ ପିଲା ଖରାପ ନୁହଁନ୍ତି, ପ୍ରାୟ ସମସ୍ତେ ଶିକ୍ଷିତ ପରିବାରର ପିଲା। ନାରୀ ଜାତିକୁ ସମ୍ମାନ ଦେବା ଶିଖିଛନ୍ତି। ସୁଲିକୁ ସେମାନେ ନିଜର ଭଉଣୀ ଭଳି ବ୍ୟବହାର ଦେଖାନ୍ତି ମଧ୍ୟ। ହେଲେ ଫକୀର ମୋହନଙ୍କ କହିବା ଭଳି ମାଛ ନ ଥାଇ ପୋଖରୀ ଥାଇପାରେ ହେଲେ ନିନ୍ଦୁକ ନ ଥାଇ ଗାଁ ଥିବାଟା ଅସମ୍ଭବ। ସେମିତି କିଛି ପିଲା ଏଠି ବି ଥିଲେ। ଯେଉଁମାନେ ନିଜ ପରିବାରରୁ କିଛି ସଂସ୍କାର ପାଇ ନ ଥିଲେ ସେମାନେ ବେଳେ ବେଳେ ସୁଲି ବିଷୟରେ କିଛି ମନ୍ତବ୍ୟ ଦେଇଦିଅନ୍ତି ଯାହାକି ଆଶୁତୋଷକୁ ମୋଟେ ଭଲ ଲାଗେନି।

ଆଶୁତୋଷ ଗୋଟିଏ ମଧ୍ୟବିତ୍ତ ପରିବାରର ପିଲା। ତା ବାପା ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ। ଘରେ ଆଶୁତୋଷକୁ ମିଶାଇ ଚାରି ଭାଇ ଭଉଣୀ। ବଡ ଭଉଣୀ ମୀନାର ବାହାଘର ଦୁଇ ବର୍ଷ ତଳେ ହୋଇଯାଇଛି। ତା ତଳ ଭଉଣୀ ରୀନା ଏବେ ପ୍ଲସ ଟୁରେ ପଢୁଛି। ସବା ସାନ ଭାଇ ପରେଶର ଏବେ ମେଟ୍ରିକ ହେବ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ଯେମିତି ବି ଥାଉ କିନ୍ତୁ ପିଲାମାନେ ଭଲ ସଂସ୍କାର ପାଇଛନ୍ତି। ନିଜ ପିଲାମାନଙ୍କୁ ନେଇ ଆଶୁତୋଷର ବାପା ମା' ବେଶ୍ ଗର୍ବ ଅନୁଭବ କରନ୍ତି। ଆଜି ଯାଏ କାହା ନାଁରେ କେହି କିଛି ଅଭିଯୋଗ କରିନାହାନ୍ତି ବୋଲି ପାଠରେ ବି ସମସ୍ତେ ଉତ୍କୃଷ୍ଟ ନ ହେଲେ ବି ଉତ୍ତମ ନିଶ୍ଚୟ।

ଆଶୁତୋଷ ଭଲ ଭାବେ ଜାଣିଛି ଯେ ତାର ପାଠପଢ଼ା ପାଇଁ ବାପା ଜିପିଏଫ୍‌ରୁ ଟଙ୍କା ଉଠେଇଛନ୍ତି। ପ୍ରତି ମାସରେ ମେସ ଖର୍ଚ୍ଚ, ଘରଭଡା, ଇଲେକ୍ଟ୍ରି ବିଲ ଦୋକାନ ସଉଦା, ହାଟ ବଜାର ଓ ତା ସହିତ ବଡ ଭଉଣୀର ବାହାଘର ବେଳେ ହୋଇଥିବା ଋଣର କିସ୍ତି ଶୁଝିବାରେ ବାପାଙ୍କର ଦରମା କୁଆଡେ ଉଡିଯାଏ ଜଣା ପଡେନା।

ସେଇଥିପାଇଁ ଆଶୁତୋଷ ଅନ୍ୟ ପିଲାଙ୍କ ଭଳି ମଉଜ ମସ୍ତି କରିବାକୁ ପସନ୍ଦ କରେନି, ତାର ଲକ୍ଷ୍ୟ କେମିତି ଭଲ ର୍‌ୟାଙ୍କରେ ପାସ କରିବ। ଡିଗ୍ରୀଟା ପାଇଗଲେ କୌଣସି ନା କୌଣସି କମ୍ପାନୀରେ ତାକୁ ଚାକିରୀଟା ମିଳିଯିବ ନିଶ୍ଚୟ। କ୍ୟାମ୍ପସ ସିଲେକ୍ସନରେ ବି ମିଳି ଯାଇପାରେ।



ପରିବାରର ରୋଜଗାରିଆ ପୁଅ ହୋଇ ସେ କେମିତି ତା ବାପା ମା' ଓ ଭାଇ ଭଉଣୀଙ୍କୁ ଟିକିଏ ଖୁସି ଦେଇ ପାରିବ, ସେଇ ସ୍ୱପ୍ନରେ ସେ ସଦା ବିଭୋର ଥାଏ। ଏ ଭିତରେ ବିତି ଗଲାଣି ତିନି ବର୍ଷ। ଆଶୁତୋଷର ବି.ଟେକ ବି ସରିଗଲାଣି। ତାଙ୍କ କଲେଜକୁ ଏ ବର୍ଷ କୌଣସି ଭଲ କମ୍ପାନୀ କ୍ୟାମ୍ପସ ସିଲେକ୍ସନ ପାଇଁ ଆସି ନଥିଲେ। ତଥାପି ଆଶୁତୋଷ ଗୋଟେ ନୂଆ ଷ୍ଟିଲ ପ୍ଲାଣ୍ଟରେ ଯୋଗ ଦେବାକୁ ଅଫର୍ ପାଇଥିଲା। ଛୋଟିଆ କାରଖାନାଟିଏ। ଦରମା ମଧ୍ୟ କମ୍। ତଥାପି ଜୀବନର ପ୍ରଥମ ଚାକିରୀ। ନିଜ ଉପାର୍ଜନ ନିଜ ହାତରେ ଧରିବାର ନୂଆ ଅନୁଭୂତିର ଲୋଭ। ଆଶୁତୋଷ ସେଠି ଜଏନ୍ କରିଗଲା। ତା ବାପା ଅବଶ୍ୟ ମନା କରୁଥିଲେ, ଆଶୁତୋଷ ତାଙ୍କୁ ବୁଝେଇଦେଲା। ଏଇଠି ଥାଇ ସେ ଅନ୍ୟ ଭଲ କମ୍ପାନୀ କି ସରକାରୀ ପୋଷ୍ଟ ପାଇଁ ଚେଷ୍ଟା କରିପାରିବ।



ଈଶ୍ୱର ତା ମନ କଥା ଶୁଣିଲେ, ସେ ମାତ୍ର ଗୋଟିଏ ବର୍ଷ ପରେ ସରକାରୀ ପୋଷ୍ଟଟିଏ ପାଇଗଲା। ତାଙ୍କରି ଜିଲ୍ଲାର ଡି.ପି.ସି ଅଫିସରେ ଜୁନିଅର ଇଞ୍ଜିନିୟର। ଅବଶ୍ୟ ଛ ମାସ କଣ୍ଟ୍ରାକ୍ଟୁଆଲ ପୋଷ୍ଟ। ତଥାପି ସେ ଖୁସି ହେଲା ଘର ପାଖରେ ରହିବ। ବାପା ମା' ଙ୍କ ସେବା ବି କରିପାରିବ। ଅନ୍ୟ ସବୁ ମା'ଙ୍କ ପରି ଆଶୁତୋଷର ମା' ମଧ୍ୟ ପୁଅର ଚାକିରି ହେବାରୁ ବୋହୂଟିଏ ଆଣିବା କଥା ଚିନ୍ତା କରି ବସିଲେ। ଆଶୁତୋଷ ର ବାପା କିନ୍ତୁ କହିଲେ ଏତେ ଶୀଘ୍ର କାହିଁକି? ପୁଅ କିଛି ବର୍ଷ ଚାକିରି କରୁ। ତା' ହାତରେ ଦି ପଇସା ରଖୁ। ତା ପରେ ଦେଖିବା। ହେଲେ ତା ମା' ଙ୍କୁ ସମ୍ଭଳା ପଡ଼ିଲାନି। ଖାଲି ଯାହାକୁ ଦେଖିଲେ କହିବେ ଭଲ ସୁନ୍ଦରିଆ ଝିଅଟିଏ ପାଠଶାଠ ପଢ଼ିଥିବ, ସଣ୍ଣା ଶିଖିଥିବା ଝିଅଟିଏ ମୋ ପୁଅ ପାଇଁ ଦେଖିବେ। ତାଙ୍କ ମତରେ ଭଲ ଝିଅଟାଏ ଖୋଜିବାକୁ ବି ସମୟ ଦରକାର।

ଏଣେ ତାଙ୍କ ଜାତି ସମାଜରେ ଯେଉଁମାନଙ୍କର ବାଡୁଅ ଝିଅ ଥିଲେ, ସେମାନେ ସବୁ ମଧ୍ୟସ୍ଥି ହାତରେ ଫଟୋ ଜାତକ ଦେଇ ଖବର ପଠାଇଲେ। ଆଶୁତୋଷକୁ ଏ ସବୁ ବିଷୟରେ କିଛି ଜଣା ନାହିଁ, ଏଣେ ମା' ଗୁଡାଏ ଝିଅର ଫଟୋ ଓ ଜାତକ ଜମା କରି ସାରିଲେଣି। ଶେଷକୁ ଯେଉଁ ଝିଅର ଫଟୋ ମା'ର ବେଶୀ ପସନ୍ଦ ହେଲା, ସେଇ ଝିଅ ହେଉଛି କାମିନୀ। ତା ବାପା ଜଣେ ବଡ ଠିକାଦାର୍। କାମିନୀ ଶିକ୍ଷିତା ଓ ଆଧୁନିକା ମଧ୍ୟ। ମଧ୍ୟସ୍ଥି କହିଛି ଝିଅର ବାପା ଯୌତୁକ ଦେବାରେ କମି ରଖିବେନି। କ'ଣ ବା ତାଙ୍କର ଅଭାବ ଅଛି। ସୁନ୍ଦରୀ ବୋହୂ ସାଙ୍ଗକୁ ପର୍ଯ୍ୟାପ୍ତ ଧନ ବି ମିଳିଯିବ। ଯାହା କହନ୍ତି 'ଏକା ଥରେ ଘର ପୁରି ଉଠିବ।'

ଆଶୁତୋଷ ମା' ଙ୍କର ଏକା ଜିଦ୍ ସେଇଠି ପୁଅର ବାହାଘର କରିବେ। ଶେଷକୁ ତାଙ୍କରି କଥା ରହିଲା। ବାପା ମା'ଙ୍କର ଅବାଧ ହେବ ନାହିଁ ବୋଲି ଆଶୁତୋଷ କାମିନୀକୁ ବିବାହ କରିନେଲା। ସତରେ ଗୁଡାଏ ଜାନି ଯୌତୁକରେ ଘର ପୁରି ଉଠିଲା। ବନ୍ଧୁ ବାନ୍ଧବ ସାଇ ପଡ଼ିଶାଙ୍କ ମନ ଭିତରେ ଈର୍ଷା ଜାଗ୍ରତ କଲା ଭଳି ମୂଲ୍ୟବାନ ଆସବାବ ପତ୍ର ଯୌତୁକରେ ମିଳିଥିଲା। ଘରେ ସମସ୍ତେ ଖୁସି ହୋଇଥିଲେ।

ହେଲେ ଏଇ ଖୁସି ବେଶୀ ଦିନ ତିଷ୍ଠି ନଥିଲା। ବାହାଘରର ଅଷ୍ଟମଙ୍ଗଳା ନ ସରୁଣୁ କାମିନୀର ଅସଲ ଗୁଣ ଦେଖି ସମସ୍ତେ ଅସନ୍ତୁଷ୍ଟ ହେଲେ। ତଥାପି ଆଶୁତୋଷର ମା' କହିଲେ ନୂଆ ଜାଗା ନୂଆ ପରିବାରରେ ମିଶିବା ପାଇଁ ବୋହୂକୁ ତ ପୁଣି ସମୟ ଦରକାର। କିଛି ଦିନ ପରେ ସବୁ କିଛି ଠିକ ହୋଇଯିବନି କି? କିନ୍ତୁ ସମୟ ବିତି ଚାଲିଲା ତଥାପି କିଛି ବି ଠିକ୍ ହେଲାନାହିଁ। କାମିନୀର ବ୍ୟବହାର ସମସ୍ତଙ୍କ ପ୍ରତି ଅତ୍ୟନ୍ତ ଅସହ୍ୟ ହେଉଥିଲା। ସେ ନିଜକୁ ବଡ ଘରର ଝିଅ ବୋଲି ଗର୍ବ କରୁଥିଲା ଓ ଆଶୁତୋଷର ପରିବାରକୁ ବୋହୂ ହୋଇ ଆସି ସେ ଯେମିତି ଦୟା ଦେଖାଇଛି, ସେହିଭଳି ତା ବ୍ୟବହାର ପ୍ରଦର୍ଶନ କରୁଥିଲା। ନିଜ ବାପ ଘରେ ସେ କେବେ ରୋଷେଇ ଘରେ ପଶି ନ ଥିବାରୁ ଏଠି ବି ମୋଟେ ରୋଷେଇ ଘରକୁ ଯାଉ ନ ଥିଲା। ନିଜ ଶାଶୁ ନଣନ୍ଦଙ୍କୁ ସକାଳେ ଓ ସନ୍ଧ୍ୟାରେ ଚା ପାଇଁ ଅର୍ଡର ଦେଉଥିଲା। ଏପରିକି ତା ମନ ପସନ୍ଦର ତରକାରୀ ହୋଇ ନ ଥିଲେ ଖାଇବା ଜାଗାରୁ ଉଠି ପଳାଉଥିଲା। ସତେ ଯେମିତି ତା ଶାଶୁ ଓ ନଣନ୍ଦ ତାର ଦରମା ଦିଆ ଚାକରାଣୀ।

ପ୍ରଥମେ ପ୍ରଥମେ ଆଶୁତୋଷର ମା' କିଛି କହୁ ନ ଥିଲେ। ମାତ୍ର ଧୀରେ ଧୀରେ ଅସହ୍ୟ ହେବାରୁ ଆଶୁତୋଷକୁ କହିଥିଲେ କାମିନୀକୁ ବୁଝାଇବା ପାଇଁ। ମାତ୍ର ଆଶୁତୋଷ ଥରେ ଦି ଥର କାମିନୀକୁ ଏପରି ବ୍ୟବହାର ଘର ଲୋକଙ୍କ ପ୍ରତି କରିବା ଠିକ୍ ନୁହେଁ ବୋଲି ବୁଝାଇଥିଲେ ମଧ୍ୟ ସବୁ ନିରର୍ଥକ ହୋଇଥିଲା। କାମିନୀ ବ୍ୟବହାରରେ ଘରଲୋକ ଅତିଷ୍ଠ ହୋଇଯିବାରୁ ଅଗତ୍ୟ ଆଶୁତୋଷ ତାକୁ ନିଜ ସାଙ୍ଗରେ ତା ଚାକିରୀ ଜାଗାକୁ ନେଇଗଲା। ସେଇଠି ଘରଭଡା ନେଇ ରହିଲା। ସେଇଠି ବି କାମିନୀର ମନରେ ଶାନ୍ତି ନ ଥାଏ। ଆଜି ଏଇଟା ଆଣ, କାଲି ସେଇଟା ଆଣ, ପୁଣି ଗୋଟାଏ କାମବାଲି ଖୋଜ, ମୁଁ ଜମା ଘରକାମ କରିପାରିବିନି। ଏତେ ସବୁ ବରାଦରେ ଆଶୁତୋଷ ବିଚରା କ'ଣ ବା କରିପାରନ୍ତା। ସହଜେ ତ ତାର ଦରମା କମ୍। ଏଠି ନିଜେ ଟିକିଏ ସର୍ଟକଟ୍‌ରେ ଚଳି ପ୍ରତି ମାସରେ ଘରକୁ କିଛି କିଛି ଦେଇ ପାରୁଥିଲେ ଯେ ସେଇଟା ବି ଏବେ ଅସମ୍ଭବ ହୋଇଯାଉଥିଲା। କାମିନୀର ସବୁତକ ଡିମାଣ୍ଡବି ଏଣେ ପୂରା କରି ପାରୁ ନ ଥାଏ ସେ, ତେଣୁ ତାର କଥା କଥାକେ କଟାକ୍ଷ ବି ସହିବାକୁ ପଡୁଥାଏ। ଗୋଟେ ଦରିଦ୍ର ପରିବାରରେ ବୋହୂ ହୋଇଥିବାରୁ କାମିନୀ ବେଳେ ବେଳେ ତା ବାପାଙ୍କ ଉପରେ ରାଗେ।

ଘରର ପରିବେଶ ସର୍ବଦା ଅଶାନ୍ତ। ଏମିତିରେ ବିଚରା ଆଶୁତୋଷ ନିଜ କାମରେ ମନ ଦେଇ ପାରୁ ନ ଥାଏ। ସବୁବେଳେ ଚିନ୍ତାଗ୍ରସ୍ତ ଓ ଅନ୍ୟ ମନସ୍କ ରହୁଥିବାରୁ କର୍ମକ୍ଷେତ୍ରରେ ବାରମ୍ବାର ଭୁଲ୍‌ଭଟକା ହେବା ନିଶ୍ଚିନ୍ତ। ତେଣୁ ତାର ଉପରିସ୍ଥ ବି ତା ଉପରେ ଅସନ୍ତୁଷ୍ଟ ହେଉଥିଲେ। ଥରେ ଆଶୁତୋଷର ବାପା, ମା' ତା ପାଖକୁ ଦିନେ ଦି ଦିନ ରହିବା ପାଇଁ ଆସିଥିଲେ। କାମିନୀ ସେମାନଙ୍କୁ ଖୁବ୍ ଅପମାନ ଦେଲା। 'ପୁଅ ଜନ୍ମ କରିଛନ୍ତି ବୋଲି ପୁଅକୁ ଏଟିଏମ୍ ମେସିନ ବୋଲି ଭାବୁଛନ୍ତି, ସେଥିପାଇଁ ସବୁବେଳେ ପୁଅଠାରୁ ଟଙ୍କା ବାହାର କରିବାକୁ ଆସିଛନ୍ତି' ବୋଲି ଶୁଣାଇଦେଲା। ଏକଥା ଶୁଣି ଆଶୁତୋଷର ବାପା ମା' ଙ୍କ ମନରେ ଗଭୀର ଦୁଃଖ ହେଲା। ଆଶୁତୋଷ ମଧ୍ୟ କ୍ରୋଧରେ ନିଜର କାଣ୍ଡଜ୍ଞାନ ହରାଇ ଗୋଟାଏ ଜୋରଦାର ଚଟକଣା କାମିନୀର ଗାଲରେ ବସାଇଦେଲା। ବାସ ତା ପରେ ଆଉ କାମିନୀକୁ ସମ୍ଭାଳେ କିଏ? ସାଙ୍ଗେ ସାଙ୍ଗେ ତା ବାପା ପାଖକୁ ଫୋନ କରି କହିଲା। ଏମାନେ ମତେ ଆହୁରି ଯୌତୁକ ଆଣିବାକୁ କହୁଛନ୍ତି। ମୋତେ ମାଡ ମାରୁଛନ୍ତି, ନିର୍ଯାତନା ଦେଉଛନ୍ତି। ତା ବାପା ବି ସାଙ୍ଗେ ସାଙ୍ଗେ ଥାନାରେ ରିପୋର୍ଟ କରିଦେଇ ଝିଅକୁ ଆସି ନେଇଗଲେ।

ଏବେ ଯୌତୁକ ନିର୍ଯାତନା କେଶରେ ଫସି ଆଶୁତୋଷ ଓ ତା ବାପା ମା'ଜେଲ୍ ହାଜତରେ। ଆଶୁତୋଷର ମା' କପାଳରେ ହାତ ମାରି ନିଜ କର୍ମକୁ ନିନ୍ଦୁଛନ୍ତି। ତାଙ୍କରି ଲୋଭ ଯୋଗୁଁ ଆଜି ତାଙ୍କର ସୁଯୋଗ୍ୟ ପୁଅର ଜୀବନ ବରବାଦ ହୋଇଗଲା ବୋଲି ଆଖିରୁ ଲୁହ ଢାଳୁଛନ୍ତି।

ଶଙ୍କରା, ସୁନ୍ଦରଗଡ଼, ମୋ-୯୯୩୭୭୦୫୮୮୦

एनटीपीसी NTPC
NML
Dulanga Coal Mining Project
Mining for आत्मनिर्भरता
Leading the Power Sector

SEWAK
Strengthening Rural & Tribal Communities
ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଅତି ଗରିବ, ଆଦିବାସୀ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଏକ ଚିରସ୍ଥାୟୀ ଜୀବିକା ଯୋଗାଇବା ସଙ୍ଗେ ସଙ୍ଗେ ପ୍ରାକୃତିକ ସମ୍ବଳର ସୁପରିଚାଳନା ତଥା ଜଳ, ଜମି, ଜଙ୍ଗଲର ସୁରକ୍ଷା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟରତ। ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ, ସବୁଜ ଓ ସୁନ୍ଦର ସମାଜ ଗଠନ କରିବା।
"ସେବକ"
ରଙ୍ଗିଆମୁଣ୍ଡା, ସୁନ୍ଦରଗଡ
ମୋବାଇଲ- ୯୪୩୭୦୦୧୧୩୬
ୱେବସାଇଟ- www.sewak.org

With Best Compliments from
Katha
100% HUID Hallmark Jewellery Store
100% Lowest Gold Price
100% Daily / Monthly Booking Scheme Now Available
Fashionable Beautiful Bridal Set
Sai Vihar Road, Sundargarh
8926272520
@katha_jewellery

ଓଡିଆ ଦୈନିକ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ରତ୍ନାକର କିସାନ
ରାଜ୍ୟ ସମ୍ପାଦକ, ବିଜୁ ଜନତା ଦଳ

ଓଡିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରୁଛି।
ସକାଳ ଶୁଭେଚ୍ଛୁ
ସୁନ୍ଦରଗଡ

ଓଡିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କ ସମେତ ମୋର ପ୍ରିୟ ସୁନ୍ଦରଗଡ ପୌରାଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଉଛି। ଆସନ୍ତୁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରି ଆମ ସହରକୁ ଆହୁରି ବିକଶିତ କରିବା।
ଶ୍ରୀଯୁକ୍ତ ଲଲାଟେନ୍ଦୁ ପରିଡା
ଉପନଗରପାଳ, ପୌର ପରିଷଦ, ସୁନ୍ଦରଗଡ

ଓଡିଆ ଦୈନିକ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀଯୁକ୍ତ ସନତ ସାହୁ
ସାମାଜିକ କାର୍ଯ୍ୟକର୍ତ୍ତା, ସୁନ୍ଦରଗଡ

ଓଡିଆ ଦୈନିକ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀଯୁକ୍ତ ହେମନ୍ତ କୁମାର ମେହେର
ରାମକଥା ବାଚକ, ସୁନ୍ଦରଗଡ

ଓଡିଆ ଦୈନିକ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ରାମଚନ୍ଦ୍ର ସାହୁ
ବିଜେଡି ଜିଲ୍ଲା ପରିଷଦ ସଭ୍ୟ
ବଣାଇଁ (ଖ)

ଓଡିଆ ଦୈନିକ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଲକ୍ଷ୍ମଣ ମୁଣ୍ଡା
ବିଧାୟକ
ବଣାଇ, ସିପିଆଇ

ଓଡିଆ ଦୈନିକ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସକାଳ ପରିବାର, ପାଠକ, ଶୁଭେଚ୍ଛୁ ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଆସନ୍ତୁ, ଆମେ ସମସ୍ତେ ହାତକୁ ହାତ ମିଳାଇ ସୁନ୍ଦରଗଡ ସହରକୁ ସୁସ୍ଥ, ସୁନ୍ଦରଗଡ ସହର ଭାବେ ଗଢି ତୋଳିବା।
ଶ୍ରୀଯୁକ୍ତ ବେଣୁଧର ତାଣ୍ଡିଆ
ପୂର୍ବତନ ନଗରପାଳ, ସୁନ୍ଦରଗଡ ପୌର ପରିଷଦ

# ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ଘରବାହୁଡ଼ା

## ଶଙ୍ଖ ଫୁଙ୍କିଲେ ଶତାଧିକ ସମର୍ଥକ

**ଭୁବନେଶ୍ୱର, ୧୬।୫(ସମିସ):** ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜେପି ନେତା ରାଜେନ୍ଦ୍ର କୁମାର ଦାସ ଆଜି ବିଜୁ ଜନତା ଦଳକୁ ଫେରିଛନ୍ତି। ଶ୍ରୀ ଦାସଙ୍କ ସହ ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତାମାନେ ବିଜେଡିରେ ସାମିଲ ହୋଇଛନ୍ତି। ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଯାଜପୁର ବିଜେଡି ଜିଲ୍ଲା ସଭାପତି ସୂରଜ କୁମାର ମହାପାତ୍ର, ଧାମନଗର ଜୋନ ନଂ ୧୩ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ଧାମନଗର ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତି ଶ୍ରୀ ଦାସ ଏବଂ ତାଙ୍କ ସମର୍ଥକମାନଙ୍କୁ ଦଳରେ ସ୍ୱାଗତ କରିଥିଲେ। ଶ୍ରୀ ଦାସଙ୍କ ଯୋଗଦାନ ଫଳରେ ବିଶେଷକରି ଧାମନଗର ନିର୍ବାଚନମଣ୍ଡଳୀ ସହ ଭଦ୍ରକ ଲୋକସଭା କ୍ଷେତ୍ରରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଉପସ୍ଥିତ ନେତୃବୃନ୍ଦ ବିଶ୍ୱାସବ୍ୟକ୍ତ କରିଥିଲେ। ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ରାଜେନ୍ଦ୍ର କୁମାର ଦାସ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ପୂର୍ବରୁ ମୁଁ ବିଜେଡିରେ ଥିଲି। କିନ୍ତୁ କୌଣସି କାରଣବଶତଃ ବିଜେପିରେ ଯୋଗ ଦେଇଥିଲି। ତେବେ ବିଜେପିରେ ଯେଉଁ ଅରାଜକତା, ସ୍ୱେଚ୍ଛାଚାରିତା ଚାଲିଛି ତାହା ମୋତେ ଚକିତ କରିଥିଲା। ଗୋଡ଼ଟଣା ନୀତିରେ ବିଜେପି ନେତା ବ୍ୟସ୍ତ। ସବୁବେଳେ ନିଜ ସ୍ୱାର୍ଥ ଛଡ଼ା ସେମାନେ ଆଉ କିଛି ଜାଣନ୍ତି ନାହିଁ। ଏପରି ପରିସ୍ଥିତି ଭିତରେ କାମ କରିବା ମୋ ପକ୍ଷରେ ଅସମ୍ଭବ ହୋଇପଡ଼ିଥିଲା। ତେଣୁ ବିଜେପି ଛାଡ଼ି ଆଜି ମୋର ବିଜେଡିକୁ ଘରବାହୁଡ଼ା ହେଉଛି। ଆଗାମୀ ଦିନରେ ଭଦ୍ରକ ଜିଲ୍ଲାର ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ବିଜେଡି ବିପୁଳ ବିଜୟ ହାସଲ କରିବ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଥିଲେ। ଏହି ମିଶ୍ରଣ ପର୍ବରେ ସଞ୍ଜୀବ କୁମାର ମଲ୍ଲିକ, ସୋମାଲିସ ଦାସ, ସିଦ୍ଧାର୍ଥ ବାରିକ, ରତିକାନ୍ତ ମଲ୍ଲିକ, ଓ ଗଣେଶ୍ୱର ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

**ବିଜେପିରେ ରହି କାମ କରିବା ଅସମ୍ଭବ**

# ବିଜେପି ଦେଶ ପାଇଁ ବିପଦ: ଖଡ୍‌ଗେ

**ଫୁଲବାଣୀ,୧୬।୫(ସମିସ):** ବିଜେପି ଦେଶ ପାଇଁ ବିପଦ। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସମୟରେ ସମ୍ବିଧାନ ବିପଦରେ ପଡ଼ିଛି। ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲକୁ ବିଜେପି ସରକାର ବେପାରୀଙ୍କ ହାତକୁ ଟେକି ଦେଇଛି। ଭାରତ ବର୍ଷରେ ବିଜେପି ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିଛି ବୋଲି ଫୁଲବାଣୀରେ ଦଳୀୟ ପ୍ରଚାର ସମାବେଶରେ ଗର୍ଜିଛନ୍ତି ଜାତୀୟ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ।

ସେ କହିଛନ୍ତି ଯେ କଂଗ୍ରେସ ଦଳ ଦେଶକୁ ସ୍ୱାଧୀନତା ସହିତ ସମ୍ବିଧାନ ଦେଇଛି । ଗଣତନ୍ତ୍ରକୁ ସୁରକ୍ଷିତ କରିଛି, ଆଦିବାସୀ,ହରିଜନ ଓ ଦଳିତଙ୍କୁ ସଂରକ୍ଷଣ ଦେଇଛି । ବିଜେପି ସରକାରର ଦଶ ବର୍ଷର ଶାସନ ଆମ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ମୋଦି ସରକାରକୁ ହଟାଇ ସମ୍ବିଧାନ ଓ ଲୋକତନ୍ତ୍ରକୁ ବଞ୍ଚାଇବା ପାଇଁ ସମସ୍ତେ ଅଣ୍ଟା ଭିଡ଼ିବା ଆବଶ୍ୟକ। ସାମାଜିକ ନ୍ୟାୟ ପ୍ରତି କଂଗ୍ରେସ ଦଳର ପ୍ରତିବଦ୍ଧତା ଉଲ୍ଲେଖ କରି କନ୍ଧମାଳ ଆଗାମୀ ନିର୍ବାଚନରେ ସାମାଜିକ ନ୍ୟାୟର କୁରୁକ୍ଷେତ୍ର ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ କଂଗ୍ରେସର ନିର୍ବାଚନ ଇସ୍ତାହାର ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ ମହିଳା, ଯୁବଗୋଷ୍ଠୀ, ଦଳିତ, ଆଦିବାସୀ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ରାହୁଳ ଗାନ୍ଧୀଙ୍କ ୫ ଗ୍ୟାରେଣ୍ଟିର ଉଲ୍ଲେଖ କରିଥିଲେ। କନ୍ଧମାଳ ଜିଲ୍ଲାକୁ ରେଳପଥ ସଂଯୋଗ ପ୍ରସଙ୍ଗ ଉଠାଇ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ ଖଡ୍‌ଗେ। ଦଶ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ କଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ଆଦିବାସୀଙ୍କ ପ୍ରସଙ୍ଗ ଉପସ୍ଥାପନ କରି ଖଡ୍‌ଗେ କହିଛନ୍ତି, ବିଜେପି ସରକାର ଆଦିବାସୀଙ୍କ ଜଳ,ଜମି ଓ ଜଙ୍ଗଲକୁ ବେପାରୀ ମାନଙ୍କ ହାତକୁ ଟେକି ଦେଇଛି। ଗତ ବର୍ଷ ମାନଙ୍କରେ ଆଦିବାସୀଙ୍କ ବିରୋଧରେ ଅପରାଧ ହାରରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି । କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ସରକାର ଆସିଲେ ପେସା ଆଇନକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବ। କନ୍ଧମାଳ ହଳଦୀ ସମେତ ସମସ୍ତ ଲଘୁ ବନଜାତ ସାମଗ୍ରୀ ପାଇଁ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ ପ୍ରଣୟନ କରାଯିବ ବୋଲି ଘୋଷଣା କରିଛନ୍ତି। କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ରୂପେ ଜିଏସଟି ମୁକ୍ତ କରାଯିବ ଓ ନୂତନ ଆମଦାନୀ-ରପ୍ତାନୀ ନିୟମ ପ୍ରଣୟନ ହେବ ବୋଲି ସେ କହିଛନ୍ତି। କନ୍ଧମାଳକୁ ଶାନ୍ତି ଓ ସଂହତିର ମାଟି ବୋଲି ବର୍ଣ୍ଣନା କରି ଏହାକୁ ଭଙ୍ଗ କରିବା ପାଇଁ ଅତୀତରେ ବିଜେପି ପକ୍ଷରୁ ଅପଚେଷ୍ଟା କରାଯାଇଥିବା ଅଭିଯୋଗ କରିଥିଲେ ଖଡ୍‌ଗେ। ସେହିଭଳି ବିଜେପି ସରକାର ସମୟରେ ଦରଦାମ ବୃଦ୍ଧି, ବେରୋଜଗାରୀ, ସାମ୍ପ୍ରଦାୟିକତା ଭଳି ସମସ୍ତ ପ୍ରସଙ୍ଗ ଦୋହରାଇଛନ୍ତି କଂଗ୍ରେସ ଅଧ୍ୟକ୍ଷ। ଆସନ୍ତା ନିର୍ବାଚନରେ ଇଣ୍ଡିଆ ମେଣ୍ଟ କେନ୍ଦ୍ରରେ ସରକାର ଗଢିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ କନ୍ଧମାଳ ସାଂସଦ ଏବଂ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କନ୍ଧମାଳ ଲୋକସଭା ଆସନ ପ୍ରାର୍ଥୀ ଅମୀରଚାନ୍ଦ ନାୟକ, ଫୁଲବାଣୀ ବିଧାନସଭା ପ୍ରାର୍ଥୀ ପ୍ରତିଭା କହଁର, ବାଲିଗୁଡା ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ, ଜି.ଉଦୟଗିରି ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଦଶପଲ୍ଲା ପ୍ରାର୍ଥୀ ନକୁଳ ନାୟକ, ବୌଦ୍ଧ ପ୍ରାର୍ଥୀ ନବ କୁମାର ମିଶ୍ର, କଣ୍ଟାମାଳ ପ୍ରାର୍ଥୀ ସରୋଜ ପ୍ରଧାନ ଓ ଭଞ୍ଜନଗର ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀଙ୍କ ସମେତ ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ ଏହି ଜନସଭାକୁ ସମ୍ବୋଧିତ କରିଥିଲେ। ସ୍ଥାନୀୟ କରୋନେସନ ପଡିଆରେ ଆୟୋଜିତ ଏହି ଜନସଭାରେ ତେଲେଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ବିକ୍ରମ ଭାଟି ମଲ୍ଲ, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଏଆଇସିସି ପର୍ଯ୍ୟବେକ୍ଷକ ଚୌଧୁରୀ ସାହନୱାଜ ହୁସେନ, ମୀନାକ୍ଷୀ ନଟରାଜନ, କନ୍ଧମାଳ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡା ଓ ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ ଉପସ୍ଥିତ ଥିଲେ।

**ରେଳ ସଂଯୋଗରୁ ଫୁଲବାଣୀକୁ ବଞ୍ଚିତ କରିଛନ୍ତି କେନ୍ଦ୍ରର ବିଜେପି ସରକାର**

**ବିଜେପି ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲକୁ ବେପାରୀଙ୍କୁ ଟେକି ଦେଇଛି**

**ଅତୀତରେ ଶାନ୍ତିପ୍ରିୟ କନ୍ଧମାଳର ଶାନ୍ତି ଓ ସଂହତି ନଷ୍ଟ କରିଛି ବିଜେପି**

# ଅବଶିଷ୍ଟାଂଶ...

## ସୂର୍ଯ୍ୟଙ୍କୁ ମହମବତି...

ଓଡ଼ିଶାର ପରମ୍ପରା ସଂସ୍କୃତି ସେମାନେ ଜାଣି ନାହାନ୍ତି, ଶ୍ରଦ୍ଧା ଓ ସମ୍ମାନର ଅର୍ଥ ବୁଝି ନାହାନ୍ତି । ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀଙ୍କୁ କେତେ ଭଲ ପାଆନ୍ତି, ତାର ସେମାନେ ଆକଳନ କରିନାହାନ୍ତି । ସେମାନେ ଏପଟେ ଓଡ଼ିଆ ଅସ୍ମିତାର କଥା କହୁଛନ୍ତି, କିନ୍ତୁ ସେପଟେ ଓଡ଼ିଶାର ସବୁଠାରୁ ଜନପ୍ରିୟ ନେତା ତଥା ମହାନାୟକଙ୍କୁ ଗାଳି ଦେଉଛନ୍ତି। ଏକ ସମୟରେ ବିଜେପୁରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଚପଲ ଫୋପାଡି ଥିଲେ; ବିଜେପୁରର ଜନସାଧାରଣ ତାହାର ଉତ୍ତର ଭୋଟରେ ଦେଲେ। ସେମାନେ ୪୫ ହଜାର ଭୋଟରେ ହାରିଲେ। ପୁରୀ ପରିକ୍ରମା ପ୍ରକଳ୍ପବେଳେ ମଧ ଅଣ୍ଡାମାଡ଼ କରିଥିଲେ। ସମଗ୍ର ରାଜ୍ୟବାସୀ ଏହାର ଜବାବ ଦେଲେ। ସେମାନେ ୩୦ରୁ ୩୦ ଜିଲ୍ଲା ପରିଷଦରେ ହାରିଲେ। ତଥାପି ସେମାନେ ନିଜ ଭୁଲରୁ କିଛି ଶିଖୁ ନାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କଟାକ୍ଷ କରିଛନ୍ତି।

କଣ୍ଟାବାଞ୍ଜିରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏଠାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି । ଆପଣମାନେ ନୂଆ ଓଡ଼ିଶାର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ। କଣ୍ଟାବାଞ୍ଜି ସାରା ଓଡ଼ିଶାରେ ବିଜୟର ସବୁ ରେକଡର୍ ଭାଙ୍ଗୁ, ଇତିହାସ ସୃଷ୍ଟି କରୁ। ନବୀନ ପଟ୍ଟନାୟକଙ୍କ ବିଜୟର ମାର୍ଜିନ ସବୁ ରେକର୍ଡ ଭାଙ୍ଗୁ, ଇତିହାସ ସୃଷ୍ଟି କରୁ। ସମସ୍ତେ କ୍ଷମତା ପାଇଁ ଆସନ୍ତି, କିନ୍ତୁ ସେବା ହିଁ ଆମ ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ମନ୍ତ୍ର । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତୁ ବୋଲି ଅନେକ ପ୍ରସ୍ତାବ ଆସିଥିଲା, ମାତ୍ର ମୁଖ୍ୟମନ୍ତ୍ରୀ ନିଜେ କଣ୍ଟାବାଞ୍ଜିକୁ ବାଛିଲେ। ତାଙ୍କ ହୃଦୟରେ ରହିଛି କଣ୍ଟାବାଞ୍ଜିର ବିକାଶ, କଣ୍ଟାବାଞ୍ଜି ବାସିନ୍ଦାଙ୍କ ଉନ୍ନତି। ନବୀନ ପଟ୍ଟନାୟକଙ୍କ ସରକାର ହେଉଛି ଆପଣମାନଙ୍କ ସରକାର। ଏ ସରକାରରେ ଆପଣମାନଙ୍କ ବହୁତ ବଡ଼ ଭୂମିକା ରହିଛି। ଜୁନ ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦ ପ୍ରତିଶତ ପରିବାରର ବିଜୁଳି ବିଲ ଛାଡ଼ କରିବେ। ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବିଏସ୍‌କେୱାଇ ନବୀନ କାର୍ଡରେ ସାମିଲ ହେବେ। ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ର ସଭ୍ୟ ଓ କର୍ମୀ ମାନଙ୍କ ପାଇଁ ନେସନ୍ ବ୍ୟବସ୍ଥା କରିବେ। ଏହି ତିନୋଟି ଦସ୍ତଖତ ଓଡ଼ିଶାକୁ ରୂପାନ୍ତରିତ କରିବ ଓ ସଶକ୍ତ କରିବ, ସମସ୍ତଙ୍କ ମୁହଁରେ ହସ ଫୁଟାଇବ। ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିରୋଧିଙ୍କୁ କରେଣ୍ଟ ମାରିଲାଣି ଓ ସେମାନଙ୍କ ମୁଣ୍ଡ ଖରାପ ହେଲାଣି ବୋଲି ସେ କଟାକ୍ଷ କରିଛନ୍ତି।

ବିଏସ୍‌କେୱାଇ ଓ ଆୟୁଷ୍ମାନ ମଧ୍ୟରେ ତୁଳନା କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଜେପି ଆୟୁଷ୍ମାନ ରେକଡର୍ ବଜାଉଛି। ବିଏସ୍‌କେୱାଇ ବନ୍ଦ କରି ଆୟୁଷ୍ମାନ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛି। ମାତ୍ର ବିଏସ୍‌କେୱାଇରେ ୯୦ ପ୍ରତିଶତ ପରିବାର ଉପକୃତ ହେଉଥିବାବେଳେ ଆୟୁଷ୍ମାନରେ ହେବେ ୪୦ ପ୍ରତିଶତ ପରିବାର। ଆଉ ୫୦ ପ୍ରତିଶତ ପରିବାର କୁଆଡ଼େ ଯିବେ ? ବିଏସ୍‌କେୱାଇରେ ମାସକୁ ଖର୍ଚ୍ଚ ହେଉଛି ୩୦୦ କୋଟି ଟଙ୍କା, ଆୟୁଷ୍ମାନରେ ବର୍ଷକୁ ୩୦୦ କୋଟି। ବିଏସ୍‌କେୱାଇରେ ପ୍ରତିମାସରେ ରାଜ୍ୟ ବାହାର ଚିକିତ୍ସା ପାଇଁ ଖର୍ଚ୍ଚ ହେଉଛି ୫୦ କୋଟି ଟଙ୍କା। ବିଏସ୍‌କେୱାଇ ଗୋଟିଏ ଏଟିଏମ୍ କାର୍ଡ ଭଳି। ସାରା ଭାରତରେ ଯେଉଁଠି ଚାହିଁବେ ବିନା ମୂଲ୍ୟରେ ଚିକିତ୍ସା ପାଇବେ, କିନ୍ତୁ ଆୟୁଷ୍ମାନ ଯୋଜନାରେ ବୀମା କମ୍ପାନୀ ପୋଷା ହେଉଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ପାଣ୍ଡିଆନ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ୧୫ ବର୍ଷର କାମ ୧୫ ମାସରେ ହେବ। ଅନ୍ୟମାନେ ଆସି ବଡ଼ ବଡ଼ କଥା କହିବେ କିନ୍ତୁ କାମ କରିବେ ନାହିଁ। ଏହାର ଅନେକ ଉଦାହରଣ ରହିଛି । ଦରଦାମ କମିବ ବୋଲି ପ୍ରତିଶ୍ରୁତି ଦେଇ ସେମାନେ କେନ୍ଦ୍ରରେ ସରକାର ଗଢ଼ିଲେ। ମାତ୍ର ଦରଦାମ କମିଲା କି? ଏଲପିଜି ପେଟ୍ରୋଲ, ଡିଜେଲ ଦର କମେଇବେ ବୋଲି କହିଥିଲେ। କମିଲା କି ? ରୋଜଗାର ବଢ଼େଇବେ ବୋଲି କହିଥିଲେ, ବଢ଼ିଲା କି ? ବିଜେପି କହୁଛି ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବ, ଏଥିପାଇଁ ଆପଣ ୫୦ ହଜାର ଟଙ୍କା ଖର୍ଚ୍ଚ କରିବେ। ତା'ପରେ ସୂର୍ଯ୍ୟ କିରଣରୁ ପାଇବେ ମାଗଣା ବିଜୁଳି। ଏମାନେ ଆପଣମାନଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ବୋଲି ଉଲ୍ଲେଖ କରି ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଛନ୍ତି । ଏହି ଅବସରରେ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ଟିଟଲାଗଡ଼ ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ, ପାଟଣାଗଡ଼ର ବିଧାୟକ ପ୍ରାର୍ଥୀ ସରୋଜ ମେହେର ଏବଂ ଲୋଇସିଂହାର ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ପ୍ରମୁଖ ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଛନ୍ତି ।

ବିଭିନ୍ନ ସ୍ଥାନରେ ଲୋକଙ୍କୁ ବିକାଶ କାମର ଚିତ୍ର ଉପସ୍ଥାପିତ କରି ସେ କହିଲେ ଯେ ସଇଁତଲାକୁ ଏନ୍.ଏ.ସି. ମାନ୍ୟତା ଦିଆଯାଇଛି, ୨.୫୦ କୋଟି ଟଙ୍କା ବିନିଯୋଗରେ ତୁଷୁରା ସମଲେଇ ମନ୍ଦିର ବିକାଶ କାର୍ଯ୍ୟ ଜାରି ରହିଛି, ଜଳସେଚନର ବିକାଶ ପାଇଁ ବହୁତ ବଡ଼ ବଡ଼ ପ୍ରକଳ୍ପ ନିର୍ମାଣ କରାଯାଇଛି ଏବଂ ଆଗକୁ ମଧ ଆହୁରି ପ୍ରକଳ୍ପ ନିର୍ମାଣ ହେବ। ପାଟଣାଗଡ଼ ସମାବେଶରେ ସେ କହିଲେ ଯେ ବାବା ହରିଶଙ୍କର ମନ୍ଦିରର ବିକାଶ ପାଇଁ ୨୮ କୋଟି ଟଙ୍କା, ପାଟଣାଗଡ଼ ବାଇପାସ୍ ରାସ୍ତା ପାଇଁ ୧୪୦ କୋଟି ଟଙ୍କା ଏବଂ ପାଟଣାଗଡ଼ର ୯ଟି ପଞ୍ଚାୟତକୁ ପିଇବା ପାଣି ପାଇଁ ୧୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି ଏବଂ ଏସବୁ କାର୍ଯ୍ୟ ଜାରି ରହିଛି। ପାଟଣାଗଡ଼ର ପ୍ରତ୍ୟେକ ହାଇସ୍କୁଲ ଓ କଲେଜର ରୂପାନ୍ତରଣ ହୋଇଛି, ବେଲପଡ଼ାକୁ ଏନ୍‌ଏସ୍‌ସି ମାନ୍ୟତା ମିଳିଛି। ସେହିପରି କଣ୍ଟାବାଞ୍ଜିକୁ ମ୍ୟୁନସିପାଲଟି ଓ ସିନ୍ଧେକେଲାକୁ ଏନ୍‌ଏସି ମାନ୍ୟତା ମିଳିଛି। ଲୋଇସିଂହାକୁ ଏନ୍‌ଏସି ମାନ୍ୟତା, ଚଟମଖନା ଆଡ଼ିବନ୍ଧ ପାଇଁ ୧୫୦ କୋଟି ଏବଂ କୁଟାସିଂହ ଆଡ଼ିବନ୍ଧ ପାଇଁ ୨୫୦ କୋଟି ଟଙ୍କା ଯୋଗାଇ ଦିଆଯିବା ସହିତ ଜଳସେଚନ ଓ ପାନୀୟ ଜଳ ପାଇଁ ବହୁତ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ମଧ କାର୍ଯ୍ୟକ୍ଷମ ହୋଇଛି। ଶ୍ରୀ ପାଣ୍ଡିଆନ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ରେକର୍ଡ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଅତଡ଼ା ଖସି...

କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ପୁଲିସ ଓ ଶ୍ରମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ସୂଚନା ମୁତାବକ, କପିଳା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ପାଇଁ ଏଲ ଏଣ୍ଡ ଟି କମ୍ପାନୀକୁ ଟେଣ୍ଡର୍ ମିଳିଥିଲା। ଉକ୍ତ କମ୍ପାନୀ ଅନ୍ୟ ଏକ କମ୍ପାନୀ କୋୟାକୁ କାମ ହସ୍ତାନ୍ତର କରିଥିଲା। ଏହି କାମ ଚାଲୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ମାଟି ତଳେ ଶ୍ରମିକମାନେ କାମ କରୁଥିବା ବେଳେ ମାଟି ଅତଡ଼ା ଧସି ଯାଇଥିଲା। ଫଳରେ ଏହି ୩ଜଣ ଶ୍ରମିକ ମାଟି ତଳେ ପୋତି ହୋଇଯାଇଥିଲେ। ବିଳମ୍ବିତ ରାତିରେ ସେମାନଙ୍କୁ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଏହି ପାଇପ୍ ବିଛା କାମକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଳମ୍ବିତ ରାତିରେ କାହିଁକି ପାଇପ ପ୍ରକଳ୍ପ ଚାଲିଥିଲା? ଏଥିପାଇଁ ଶ୍ରମ ଆଇନକୁ ପାଳନ କରାଯାଇଥିଲା ନା ନାହିଁ? ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ ଏହି କାମ ସମ୍ପୂର୍ଣ୍ଣ ଅନ୍ଧକାରରେ ବିପଦସଙ୍କୁଳ ଭାବେ କରାଯାଉଥିଲା। ତେବେ ଖବର ପାଇ ଅଳକୁଣ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପଥର ତଳେ...

ଲଗାଇ ପଥର ଉତ୍ତୋଳନ କରିବାକୁ ଗାତ ଖୋଳୁଥିବା ବେଳେ ଦୁଇ ଦିନ ପୂର୍ବରୁ ବର୍ଷା ହୋଇଥିବା କାରଣରୁ ହଠାତ୍ ଅତଡ଼ା ଖସିଥିଲା। ଫଳରେ ଘଟଣାସ୍ଥଳରେ ଏକ ଭାଲଭୋ ମେସିନ ପୋତି ହୋଇଯାଇଥିଲା। ଏଥିସହ ବୋର ହୋଲ୍ କରୁଥିବା କିଛି ଶ୍ରମିକ ପଥର ତଳେ ଚାପି ହୋଇଯାଇଥିଲେ। ଖଣି ପରିଚାଳନା କରୁଥିବା ଗୋପାଳ ଜଣେ ଅଣଓଡ଼ିଆ ରେଜିଂ ଠିକାଦାର ହୋଇଥିବାରୁ ସେ କାର୍ଯ୍ୟରେ ନିୟୋଜିତ କରିଥିବା ଶ୍ରମିକମାନେ ସମସ୍ତେ ତେଲଗୁ ସମ୍ପ୍ରଦାୟର ଲୋକ ବୋଲି ସୂଚନା ମିଳୁଛି। ଏହି ତହସିଲ ଅଧୀନରେ ଥିବା ପ୍ରାୟ ସମସ୍ତ ଖଣିରେ ରେଡି ପରିବାର ରେଜିଂ ଠିକାଦାର ଭାବେ କାର୍ଯ୍ୟ କରିଆସୁଛନ୍ତି। ତେବେ ଗୋପାଳ ଏଠାରେ ନିୟୋଜିତ କରିଥିବା ଶ୍ରମିକମାନେ ବର୍ଷ ବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିଲେ ମଧ ସେମାନେ ଓଡ଼ିଶାରେ ଶ୍ରମ ନିୟୋଜନ ବିଭାଗରେ ନାମ ପଞ୍ଜିକୃତ କରିଛନ୍ତି କି ନାହିଁ, ତାକୁ ନେଇ ପ୍ରଶ୍ନ ଉଠିଛି। ଏଥିସହ ଏହି ଶ୍ରମିକଙ୍କୁ ନିୟୋଜିତ କରିଥିବା ସଂସ୍ଥା ସେମାନଙ୍କ ସୁରକ୍ଷା ପାଇଁ କୌଣସି ଉତ୍ତରଦାୟିତ୍ୱ ତୁଲାଉ ନଥିବା ଅଭିଯୋଗ ହୋଇଛି। ସେମାନଙ୍କ ସୁରକ୍ଷା ଓ ପରିବାରର ଭବିଷ୍ୟତ ପାଇଁ କୌଣସି କାର୍ଯ୍ୟ କରୁ ନ ଥିବା ଜଣାଯାଇଛି। ତେବେ ଆଜିର ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ଅଗ୍ନିଶମ ବାହିନୀ କର୍ମଚାରୀ ତଥା ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ୪ଟି ପୋକ୍ଲିନ ମେସିନ୍ ନିୟୋଜିତ ହୋଇଥିବା ବେଳେ ଦୁଇଟି ଆମ୍ବୁଲାନ୍ସ ମୃତ ଓ ଆହତଙ୍କୁ ନେବାକୁ ମହଜୁଦ ରହିଛି। ଜନାପୁର ଓ ଧର୍ମଶାଳା ପୁଲିସ ସହିତ ଦୁଇ ପ୍ଲାଟୁନ ପୁଲିସ ମୁତୟନ ଥିବା ବେଳେ ୩୦ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ସନ୍ଧାନୀ କୁକୁର ଓ ମେଟାଲ ଡିଟେକ୍ଟର ସାହାଯ୍ୟରେ ପଥର ତଳେ ଚାପି ହୋଇଥିବା ଲୋକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରଖିଛନ୍ତି। ତାଙ୍କୁ ସହଯୋଗ ପାଇଁ ଚଢ଼େଇଧରା ଅଗ୍ନିଶମ ବାହିନୀ ସେଠାରେ ମୁତୟନ ରହିଛି।

ସେହିପରି ନିର୍ବାଚନ ଆଉ ଅଳ୍ପ ଦିନ ରହିଥିବାରୁ ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ସକାଳୁ ଶବକୁ ଜଗି ରହିବା ସହିତ ମୃତକଙ୍କୁ ନ୍ୟାୟ ଦାବିରେ ଘଟଣାସ୍ଥଳରେ ବସି ରହିଥିଲେ। ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ, ବିଜେପି ବିଧାୟିକା ପ୍ରାର୍ଥିନୀ ସ୍ମୃତିରେଖା ପହି, କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା, ସ୍ୱାଧୀନ ପ୍ରାର୍ଥୀ ସତୀଶ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ ପ୍ରଶାସନକୁ ଦୋଷାରୋପ କରିଥିବା ଦେଖାଯାଇଛି। ଶ୍ରୀମତୀ ପହି ଏନେଇ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଶ୍ରୀ ବିଶ୍ୱାଳ ନାରାୟଣ ରାଉତଙ୍କ ବିରୋଧରେ ନ୍ୟାୟାଳୟ ଯିବେ ବୋଲି କହିଛନ୍ତି।

## ବିକାଶର ଶିଖର...

ସେହିପରି ଜଳସେଚନ କ୍ଷେତ୍ରରେ ମଧ ସମ୍ବଲପୁର ଜିଲ୍ଲାରେ ବ୍ୟାପକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଭେଡେନ ନଦୀ ଉପରେ ବୁଢ଼ାରାଜା, କିରାଶାସନ୍, ସଇଦ ଓ ଗୋଛରାରେ ୪ଟି ଅନ୍ତନଦୀ ନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଶିକ୍ଷା କ୍ଷେତ୍ରରେ ମଧ ପଛରେ ପଡ଼ିନାହିଁ ସମ୍ବଲପୁର। ରାଜ୍ୟ ସରକାର ୧୦୦୦ କୋଟି ଟଙ୍କା ମୂଲ୍ୟରେ ବୁର୍ଲାସ୍ଥିତ ଭିସୁଟ୍‌ର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଜିଲ୍ଲାରେ ହାଇସ୍କୁଲ ରୂପାନ୍ତରଣ ସହ ମୋଟ ୫୯ଟି କଲେଜର ରୂପାନ୍ତରଣ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ସମ୍ବଲପୁର ଏକ ନୂଆ ପରିଚୟ ପାଇବାକୁ ଯାଉଛି। ଆଇସିସି ମାନ ଅନୁଯାୟୀ ଜିଲ୍ଲାରେ ଭିଏସ୍‌ଏସ୍ କ୍ରିକେଟ ଷ୍ଟାଡିୟମ ବ୍ୟତୀତ ୧୨୦ କୋଟି ବିନିମୟରେ କ୍ରୀଡ଼ା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଅପରପକ୍ଷେ ବରଗଡ଼ ପରେ ବୁର୍ଲାରେ ୨୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍ସର କେୟାର ସେଣ୍ଟର ନିର୍ମାଣ ଜାରି ରହିଛି। ଯାହା ଆଗାମୀ ଦିନରେ ଜିଲ୍ଲାର କ୍ୟାନ୍ସର ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବେଶ୍ ଲାଭଦାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

ଅପରପକ୍ଷେ ସୁଦୃଢ଼ ଗମନାଗମନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ସବୁବେଳେ ପ୍ରାଥମିକତା ଥିବାବେଳେ ସମ୍ବଲପୁରକୁ ଏଥିରେ ପ୍ରାଥମିକତା ମିଳିଛି। ବିଜୁ ଏକ୍ସପ୍ରେସ ୱେ ଗମନାଗମନ କ୍ଷେତ୍ରରେ ରାଜ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା ବେଳେ ସ୍ଥାନୀୟ ଅଞ୍ଚଳର ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ସେହିପରି ଜିଲ୍ଲା ମଧ୍ୟରେ ରାଜ୍ୟ ସରକାର ୧୩୧ କୋଟି ଟଙ୍କା ବିନିମୟରେ ୧୬ଟି ସଡ଼କ ପ୍ରକଳ୍ପ ନିର୍ମାଣ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଫୋକସରେ ସମ୍ବଲପୁର ଥିବାବେଳେ ଆଗାମୀ ଦିନରେ ଏହା ବିକାଶର ଶିଖର ଛୁଇଁବ ବୋଲି ଆସା ପ୍ରକାଶ ପାଇଛି।

## ଜବରଦଖଲମୁକ୍ତ କରି...

ମଙ୍ଗୁ ମଠ ଚାରିପଟୁ ସେ ସବୁକୁ ଉଚ୍ଛେଦ କରି ମଠର ପବିତ୍ରତାକୁ ଆହୁରି ରୁଦ୍ଧିମନ୍ତ କରିଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅଧୀନରେ ପରିତ୍ୟକ୍ତ ହୋଇପଡ଼ିଥିବା ଏହି ମଠକୁ ନୂଆ ରୂପ ଦିଆଯାଇ ଏହାର ଗରିମା ବୃଦ୍ଧି କରାଯାଇଛି। ଏଥିରେ ଅସୁବିଧା କ'ଣ ରହିଲା ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି।

ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି ଯେ ପୂର୍ବରୁ ମଙ୍ଗୁ ମଠ କିପରି ଥିଲା, ଆଉ ଆଜି କିପରି ଅଛି, ତାହା ଦେଖିଲେ ଆଖିକୁ ଜଳ ଜଳ ଦେଖାଯାଉଛି। କିନ୍ତୁ ଦୁଃଖର କଥା, ବିଜେପି ନେତୃମଣ୍ଡଳୀ ଏହା ଦେଖିପାରୁ ନାହାନ୍ତି। ପୁରୀରେ ମଠ ଭଙ୍ଗା ହୋଇଛି ବୋଲି ବିଜେପିର ନେତୃମଣ୍ଡଳୀ ସବର୍ଦା ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ସତ୍ୟତା ସହିତ ଏହି ଅଭିଯୋଗର କିଛି ସମ୍ପର୍କ ନାହିଁ। ବିଜେପି ନେତାମାନେ ଲୋକଙ୍କୁ କେତେ ମିଛ କହିବେ, ଆଉ କେତେ ଭୂଆଁ ବୁଲାଇବେ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରଶ୍ନ ଉଠାଇଛନ୍ତି। ପ୍ରକୃତ ସତ୍ୟକୁ ନ ଦେଖି ଲୋକମାନଙ୍କ ଆଗରେ ମିଛ କଥା କହୁଥିବା ବିଜେପି ନେତାମାନଙ୍କୁ ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

## '୪୦୦ ପାର୍'...

ଡିପ୍ଲୋମାଧାରୀ ଯୁବବର୍ଗଙ୍କୁ ପ୍ରଥମେ ଚାକିରି ପକ୍କା କରିବା, ବେକାରୀ ଭତ୍ତା ପ୍ରଦାନ କରିବାକୁ କଂଗ୍ରେସ ଗୁରୁତ୍ୱ ଦେଉଛି ବୋଲି ଶ୍ରୀ ଖଡ୍‌ଗେ କହିଛନ୍ତି।

ଅସୀମ ପ୍ରାକୃତିକ ସମ୍ପଦ, ଜଳ, ଜଙ୍ଗଲ, ଜମି ଓ ଖଣି ଖାଦାନରେ ଭରା ଓଡ଼ିଶା। ମାନବ ସମ୍ବଳ ମଧ ଏଠାରେ କିଛି କମ୍ ନୁହେଁ। ଏଠାକାର ଖଣି ଖାଦାନରୁ ସାମଗ୍ରୀ ନେଇ ଅନ୍ୟ ରାଜ୍ୟରେ ବୃହତ ଶିଳ୍ପ, କାରଖାନା ଗଢ଼ିଉଠିଛି। କିନ୍ତୁ ରାଜ୍ୟରେ ବେକାରୀ ସମସ୍ୟା ଏତେଟା ସୁଧୁରିପାରିନାହିଁ। ଏଠାକାର ଲୋକେ ଏବେ ବି ପେଟପାଟଣା ପାଇଁ ବାହାର ରାଜ୍ୟକୁ ଯାଇ କାମ କରୁଛନ୍ତି ବୋଲି ଏଆଇସିସି ଅଧ୍ୟକ୍ଷ ଖଡ୍‌ଗେ କହିଛନ୍ତି।

## ୩ ଶହ ପୃଷ୍ଠାର...

କାର୍ଯ୍ୟକଳାପରେ ଲିପ୍ତ ରହିଥିଲା। ତେବେ ପାକିସ୍ତାନୀ ଆତଙ୍କବାଦୀଙ୍କ ସହିତ ତା'ର ସମ୍ପର୍କ ରହିଥିବା ଏସ୍‌ଟିଏଫ ସନ୍ଦେହ କରୁଥିବା ବେଳେ ଏନେଇ ଠୋସ୍ ପ୍ରମାଣ ମିଳି ନ ଥିବା ଏସ୍‌ଟିଏଫ ତା'ର ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି। ଏଥିସହ ସେ ବିଭିନ୍ନ ଜାଲିଆତି କାର୍ଯ୍ୟରେ ମଧ ସମ୍ପୃକ୍ତ ଥିଲା। ତା' ନାମରେ ଜାମ୍ମୁ-କାଶୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। କାଶ୍ମୀର ପୁଲିସ ତାକୁ ଖୋଜୁଥିବା ବେଳେ ସେ କାଶ୍ମୀର ଛାଡ଼ି କେରଳ ପଳାଇ ଯାଇଥିଲା। ଆଉ ତା'ପରେ ବଦଳିଯାଇଥିଲା ଈଶାନର ଚିତ୍ର ଓ ଚରିତ୍ର।

ବହୁରୂପୀ ଏଣ୍ଡୁଅ ପରି ଜାଗା ଦେଖି ପେସା ବଦଳାଉଥିଲା ସଇଦ ଈଶାନ ବୁଖାରୀ। ସେ କେତେବେଳେ ନିଜକୁ ସ୍ନାୟୁ ବିଶେଷଜ୍ଞ ଡାକ୍ତରର ପରିଚୟ ଦେଉଥିଲା, ତ ଆଉ କେତେବେଳେ ପିଏମ୍‌ଓ ଅଫିସର କର୍ମଚାରୀ ବୋଲି କହୁଥିଲା। ଆଉ କେତେବେଳେ ସେ ନିଜକୁ ସେନା ଡାକ୍ତର ବନାଉଥିଲା। ସୋସିଆଲ ମିଡିଆରେ ପ୍ରେମ ନିବେଦନ କରୁଥିଲା। ସୟିଦ ଈଶାନ ବୁଖାରୀର ଏପରି ଯୋଗ୍ୟତା ଦେଖି ପ୍ରେମରେ ପଡ଼ି ଯାଉଥିଲେ ସୁନ୍ଦରୀ ଯୁବତୀ। ମିଛ ବାହାନା ଦେଖାଇ ସେ ସେମାନଙ୍କୁ ବାହା ହେଉଥିଲେ। ଏପରିକି ସୟିଦ ଈଶାନ ନାମରେ ୟୁପିରେ ଲଭ୍ ଜିହାଦ ମାମଲା ମଧ ରହିଛି। ଈଶାନ ୬ରୁ ୭ଜଣ ଯୁବତୀଙ୍କୁ ବିବାହ କରିଥିଲା। କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲା। ଏହିଭଳି ଯାଜପୁର ଜିଲ୍ଲାର ଜଣେ ଯୁବତୀଙ୍କୁ ଫେସ୍‌ବୁକ୍ ମାଧ୍ୟମରେ ଚିହ୍ନା ହୋଇଥିଲେ। ପରେ ତାଙ୍କୁ ମିଛ କହି ବିବାହ କରିଥିଲେ। ଏହାପରେ ସେ ଯାଜପୁର ନେଉଳପୁର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ସେ ୧୫ ଦିନ ଘରେ ରହୁଥିବା ବେଳେ ବାକି ଦିନ ବାହାରକୁ ପଳାଉଥିଲେ। ପୁଣି ୨ରୁ ୩ମାସ ପରେ ଘରକୁ ଆସୁଥିଲେ। ତା'ର ଗତିବିଧି ଓ କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକଟ ହେବାରୁ ଏସ୍‌ଟିଏଫ୍ ଖୋଳାତାଡ଼ ଆରମ୍ଭ କରିଥିଲା।

## ଚରମ 'ଅଭଦ୍ରାମୀ'...

ଆକ୍ଷେପ ଓ ପ୍ରତ୍ୟାକ୍ଷେପ ଏକ ସାଧାରଣ କଥା, ମାତ୍ର ଅପରାଜିତା ଓ ତାଙ୍କ ଦଳର ନେତାମାନେ ଯେପରି ବ୍ୟକ୍ତିଗତସ୍ତରକୁ ଯାଇ କୁତ୍ସିତ ଶବ୍ଦ ପ୍ରୟୋଗ କରୁଛନ୍ତି ତାହା ଓଡ଼ିଶାବାସୀ ଗ୍ରହଣ କରିପାରୁ ନାହାନ୍ତି । ଏପରି ଭାଷା ପ୍ରୟୋଗ କରୁଥିବା ଲୋକଙ୍କ ମୁହଁରେ ଓଡ଼ିଆ 'ଅସ୍ମିତା' କଥା ସଇତାନ ମୁହଁରେ ବେଦପାଠ ପରି ମନେ ହେଉଛି। ଓଡ଼ିଶାରେ ନବୀନଙ୍କ ବିରୋଧ ନିମନ୍ତେ ସାରା ଦେଶର ବିଜେପି ଟିମ୍ ଓଡ଼ିଶାରେ ପହଞ୍ଚିଛନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ସହ ଦଳର ଶୀର୍ଷ ନେତା ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ପ୍ରାୟ ଦୁଇ ଡ଼ଜନ ସଦସ୍ୟ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ସହଯୋଗୀ ମନ୍ତ୍ରୀ, ଦଳର ସେଲିବ୍ରିଟି ନେତା ଓଡ଼ିଶାରେ ତମ୍ବୁ ଟାଣି ବସିଛନ୍ତି । ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଦଳର ଜାତୀୟ ନେତାମାନେ ପ୍ରଚାର ମଙ୍ଗ ଧରିଛନ୍ତି । ଏକା ନବୀନ ପଟ୍ଟନାୟକ ସମସ୍ତ ଜାତୀୟ ନେତାଙ୍କୁ ସାମ୍ନା କରୁଛନ୍ତି; ମାତ୍ର କାହାକୁ ସମାଲୋଚନା କରିନାହାନ୍ତି । ଶାଳୀନତାର ସୀମା ମଧ୍ୟରେ ରହି ଦଳର ପ୍ରଚାର କରୁଛନ୍ତି, ରାଜ୍ୟବାସୀଙ୍କ ପାଇଁ କ'ଣ କରିଛନ୍ତି ଓ କ'ଣ କରିବେ ତାହା କହୁଛନ୍ତି । ପ୍ରତିଶ୍ରୁତି ଦେଇ ବିଜେପି ନେତାମାନେ ଭୁଲି ଯାଇଥିବା ପ୍ରସଙ୍ଗକୁ ମନେ ପକାଇ ଦେଉଛନ୍ତି ।

ମାତ୍ର ବିଜେପିର ନେତାମାନେ ଯେଉଁ ସ୍ତରକୁ ଯାଇ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ସମାଲୋଚନା କରୁଛନ୍ତି ତାହା କୌଣସି ଦୃଷ୍ଟିରୁ ଗ୍ରହଣୀୟ ହୋଇପାରୁ ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଅତ୍ୟନ୍ତ ରୁଚିହୀନ ଶବ୍ଦରେ ସମାଲୋଚନା କରୁଛନ୍ତି। ନିଜ ପଦ ଓ ମର୍ଯ୍ୟାଦାକୁ ଭ୍ରୁକ୍ଷେପ ନ କରି ଯେଉଁ ଶବ୍ଦ ପ୍ରୟୋଗ କରୁଛନ୍ତି। ବିଡ଼ମ୍ବନା ହେଉଛି ଅନ୍ୟ ରାଜ୍ୟରୁ ଓ ଦିଲ୍ଲୀରୁ ଓଡ଼ିଶାକୁ ପ୍ରଚାର ପାଇଁ ଆସୁଥିବା ଅଣ ଓଡ଼ିଆ 'ନିର୍ବାଚନ ପର୍ଯ୍ୟଟକ'ମାନେ ଓଡ଼ିଶାର ଅସ୍ମିତା ସମ୍ପର୍କରେ ଦୀର୍ଘ ଭାଷଣ ମାରୁଛନ୍ତି । ଓଡ଼ିଆ ଅସ୍ମିତାର ଜ୍ଞାନ ବାଣ୍ଟୁଥିବା ରାଜ୍ୟ ବିଜେପିର ନେତାମାନଙ୍କୁ ବିଜେପିର ଜାତୀୟ ଅଣଓଡ଼ିଆ ନେତାମାନଙ୍କୁ ଏହା ରୋମାଞ୍ଚକ ମନେ ହେଉଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଧାର ଧାରି ନ ଥିବା ଓଡ଼ିଆ ବୋହୂ ଅପରାଜିତା ନିମ୍ନରୁଚିର ଶବ୍ଦ ପ୍ରୟୋଗ କରି ନିଜ ଗାରିମାକୁ ନଷ୍ଟ କରୁଛନ୍ତି । ଯାହାକୁ ସାଧାରଣ ଲୋକମାନେ ତୀବ୍ର ସମାଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଅପରାଜିତାଙ୍କୁ ଅତ୍ୟନ୍ତ କଡ଼ା ଶବ୍ଦରେ ଗାଳି କରୁଛନ୍ତି । ଜଣେ ସର୍ବଭାରତୀୟ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସାଂସଦଙ୍କ ମୁହଁରେ ଏପରି ଶବ୍ଦ ଓ ଆକ୍ଷେପ କେବେ ହେଲେ ଗ୍ରହଣୀୟ ନୁହେଁ । ଦଳ ମତ ନିର୍ବିଶେଷରେ ସମାଲୋଚନାର ଶରବ୍ୟ ହୋଇଛନ୍ତି ଅପରାଜିତା ।

## ବିଜେପିର 'କେନ୍ଦୁପତ୍ର'...

ବିଜେପି ନେତା, କେନ୍ଦ୍ରମନ୍ତ୍ରୀ ଭୁଲି ଯାଇଛନ୍ତି ପ୍ରତିଶ୍ରୁତି। ୨୦୧୭ ମସିହାରୁ ୨୦୨୩ ମସିହା ମଧ୍ୟରେ ହୋଇଥିବା ୪ଟି ଜିଏସ୍‌ଟି କାଉନସିଲ ବୈଠକରେ କେନ୍ଦୁପତ୍ରରେ ଲାଗୁଥିବା ୧୮ ପ୍ରତିଶତ ଜିଏସ୍‌ଟି ପ୍ରସଙ୍ଗରେ ଆଲୋଚନା ହୋଇଥିଲେ ହେଁ ଏହାକୁ ଉଚ୍ଛେଦ ବା ହ୍ରାସ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବିଡ଼ମ୍ବନା ହେଉଛି ରାଜ୍ୟରୁ ନିର୍ବାଚିତ ୮ ଜଣ ବିଜେପି ସାଂସଦ ଓ ସମ୍ବଲପୁରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କେନ୍ଦ୍ରମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ପଶ୍ଚିମ ଓଡ଼ିଶାର ଅର୍ଥନୀତି ସହ କେନ୍ଦୁପତ୍ର ଏବଂ ସଂଗ୍ରହକାରୀଙ୍କ ସ୍ୱାର୍ଥ ଜଡ଼ିତ ଥିବାରୁ ପରୋକ୍ଷରେ ପଶ୍ଚିମ ଓଡ଼ିଶା ପ୍ରତି ଏହା କେବଳ ଅବିଚାର ନୁହେଁ; ଠକେଇ ବୋଲି ମନେ କରାଯାଉଛି। ୨୦୧୯ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ନିର୍ବାଚନ ଇସ୍ତାହାରରେ, କେନ୍ଦ୍ରରେ ବିଜେପିର ସରକାର ପୁନର୍ବାର ଗଠନ ହେଲେ କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରାଯାଇଥିଲା। ଏହା ସହ ବିଜେପିର ତତ୍କାଳୀନ ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପ୍ରଚାର ସମୟରେ ଭୁବନେଶ୍ୱର, କେନ୍ଦୁଝର, ବରଗଡ଼ରେ ନିର୍ବାଚନୀ ସଭାରେ ନିଜର ଉଦବୋଧନ ମାଧ୍ୟମରେ ମଧ ଜିଏସଟି ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରିଥିଲେ। ଏବେ ପୁଣି ୨୦୨୪ରେ ନିର୍ବାଚନ ଆସି ପହଞ୍ଚିଛି। ମାତ୍ର ୫ ବର୍ଷ ମଧ୍ୟରେ ଜିଏସ୍‌ଟି ହ୍ରାସ ନିଷ୍ପତ୍ତି ହୋଇ ପାରିଲା ନାହିଁ।

ସେହିପରି ପଦମ୍ପୁର ଉପନିର୍ବାଚନ ସମୟରେ ମଧ ବିଜେପି ନେତାମାନେ କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ କରିବାକୁ ଘୋଷଣା କରିଥିଲେ। ଖୋଦ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ଦଳର ଜାତୀୟ ନେତା, ବରଗଡ଼ ଆସନରୁ ପ୍ରାର୍ଥୀ ହୋଇଥିବା ପ୍ରଦୀପ ପୁରୋହିତ ଓ ରାଜ୍ୟର ଅନ୍ୟ ନେତାମାନେ ମଧ ଏହା ଘୋଷଣା କରିଥିଲେ। କିନ୍ତୁ ନିର୍ବାଚନ ସରିବା ପରେ କେନ୍ଦୁପତ୍ର କଥା ଭୁଲିଗଲେ ବିଜେପିର ଏହି ନେତାମାନେ। ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପ୍ରତି ଅନ୍ୟାୟ କରି ଚାଲିଛନ୍ତି ଓ ରାଜ୍ୟର ବିଜେପି ସାଂସଦମାନେ ରହସ୍ୟମୟ ଭାବରେ ଏହାକୁ ନିରବରେ ସମର୍ଥନ କରୁଛନ୍ତି।

## ୨ ସପ୍ତାହ...

ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ୧୯ ତାରିଖଥ ନୂଆପଡ଼ା, ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୁଳ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ର କହିଛି ଗ୍ରୀଷ୍ମ ଲହରୀ ସ୍ଥିତି ସମୟରେ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୭ରୁ ୩୯ ଡିଗ୍ରୀ ସେଲ୍‌ସିୟସ ରହିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩୯ରୁ ୪୩ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବାର ଆଶଙ୍କା ରହିଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୨ରୁ ୩ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିପାରେ। ସେହିପରି ଉପକୂଳ ଓଡ଼ିଶାରେ ଆର୍ଦ୍ରତା ରହିବା ହେତୁ ଗୁଳୁଗୁଳିର ମଧ ଆଶଙ୍କା ରହିଛି। ଏଥିପାଇଁ ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ବାହାରକୁ ଗଲେ ସତର୍କତା ଅବଲମ୍ବନ କରିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ଗଞ୍ଜାମରେ ମୁତୟନ ହେବେ ୨୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ

**ଭୁବନେଶ୍ୱର,୧୬।୫(ସମିସ):** ଗଞ୍ଜାମ ଜିଲ୍ଲାରେ ନିର୍ବାଚନୀ ହିଂସା ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ସ୍ଥିତିକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଗଞ୍ଜାମ ଜିଲ୍ଲାରେ ୨୦ କମ୍ପାନୀ ସିଏପିଏଫ୍ (କେନ୍ଦ୍ରୀୟ ଶସସ୍ତ୍ର ବାହିନୀ) ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ପଞ୍ଚମ ପର୍ଯ୍ୟାୟ ତଥା ୨୦ ତାରିଖରେ ଗଞ୍ଜାମରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଏହି ଯବାନମାନେ ମୁତୟନ ହେବେ। ଏହି କେନ୍ଦ୍ରୀୟ ଫୋର୍ସ ଯବାନମାନେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବୁଥରେ ମୁତୟନ ହେବେ। ସେମାନଙ୍କୁ ରିଜର୍ଭ ଫୋର୍ସ କିମ୍ବା ଷ୍ଟ୍ରାଇକିଂ ଫୋର୍ସ ଭାବେ ନିୟୋଜିତ ନକରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

**AFFIDAVIT**

By Virtue of an affidavit by taking oath before the Executive Magistrate, Rasgobindpur on dated 14/05/2024 vide No. 383, I Shyam Govind Das, S/o Radhagobinda Das, Vill- Bhaliagadia, P.O: Purnachandrapur, P.S:- Rasgobindpur, Dist. Mayurbhanj at Present Hindusthan Bekari Marg , Khadan Road , Bhiwandi, Thane, Maharastra stated / declared that my name was recorded as Bharat Chandra Das in R.S.D No. 557 dated 26/08/2003 when I was minor. That both the names are one and same person's.

**ପୂର୍ବ ତଟ ରେଳପଥ**

**ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା** ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ୍ | ସ୍ଥାନ | TKM |
|---|---|---|
| ଲାଇନ୍ ନଂ.4, ଗୁଡ୍ସ ଲାଇନ୍, ନୟାଗଡ଼ | Loc: ନୟାଗଡ଼ ଟାଉନ / 1003N (Ch: 64/824.50) ରୁ Loc: ନୟାଗଡ଼ ଟାଉନ / 1027N (Ch: 65/1001.80) ପର୍ଯ୍ୟନ୍ତ | 2.392 |
| ମଣ୍ଡଳ : ଖୋର୍ଦ୍ଧା ରୋଡ | ବିଦ୍ୟୁତ୍ ପ୍ରବାହ ତାରିଖ : 07.06.2024 | |

**AC 25 KV ଟ୍ରାକ୍ସନର ପ୍ରଚଳନ "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"** ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳର ଲାଇନ୍ ନଂ.4, ଗୁଡ୍ସ ଲାଇନ୍, ନୟାଗଡ TKM-2.932 ସେକ୍ସନର LOC: ନୟାଗଡ଼ ଟାଉନ / 1003N (Ch: 64/824.50) ରୁ LOC: ନୟାଗଡ଼ ଟାଉନ / 1027N (Ch: 65/1001.80) ପର୍ଯ୍ୟନ୍ତ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନର ଶୁଭାରମ୍ଭ" ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷେଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଂଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

1) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା ।

PR-14/CH/24-25 ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

# ସୁନ୍ଦରଗଡ଼ ସହରରେ ଭାଗ୍ୟଶ୍ରୀଙ୍କ ରୋଡ୍ ଶୋ



**ସୁନ୍ଦରଗଡ଼, ୧୬।୫(ସମିସ):** ହିନ୍ଦୀ ଚଳଚିତ୍ର ନାୟିକା ଭାଗ୍ୟଶ୍ରୀ ସୁନ୍ଦରଗଡ଼ ସହରରେ ବିଜେଡି ପକ୍ଷରୁ ଆୟୋଜିତ ରୋଡ ଶୋରେ ସାମିଲ ହୋଇଛନ୍ତି। ଉକ୍ତ ରୋଡ୍ ଶୋରେ ଭାଗ୍ୟଶ୍ରୀଙ୍କ ସମେତ ବିଜେଡି ବିଧାନସଭା ବିଧାନସଭା ପ୍ରାର୍ଥୀ ଯୋଗେଶ କୁମାର ସିଂହ ଓ ତାଙ୍କ ପତ୍ନୀ ଶ୍ରଦ୍ଧା ସିଂହ ଯୋଗ ଦେଇ ଭୋଟ ଭିକ୍ଷା କରିଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ଉକ୍ତ ରୋଡ ଶୋ ସ୍ଥାନୀୟ ମହେଶଡିହି ଠାରୁ ଆରମ୍ଭ ହୋଇଥିଲା। ଡିଆରଡିଏ ଛକ, ପାଲ ହୋଟେଲ ଛକ, ପଞ୍ଚମୁଖୀ ଛକ, ମହାଦେବପଡ଼ା ସାଇ ମନ୍ଦିର ଛକ, ରାଜବାଟୀ ଛକ, ରିଜେଣ୍ଟ ମାର୍କେଟ ଛକ, ରଙ୍ଗାଢିବା ଛକଦେଇ ଆରଆରଇଟି ଛକରେ ପହଞ୍ଚିବା ପରେ ଏଠାରେ ପୁଣି ପ୍ରତ୍ୟାବର୍ତ୍ତନ କରି ରଙ୍ଗାଢିପା ଛକ, ହସ୍‌ପିଟାଲ ଛକ, ମିଶନ ଛକ ଦେଇ ଶଙ୍କରା ପାରିଜାତ ପାର୍କରେ ଉଦ୍‌ଯାପିତ ହୋଇଥିଲେ। ଏହି ଅବସରରେ ଉକ୍ତ ରାସ୍ତା ଜନସମୁଦ୍ର ପାଲଟି ଥିଲା।

# ସୁନ୍ଦରଗଡ଼ରେ ଜେପି ନଡ୍ଡା




ସୁନ୍ଦରଗଡ଼, ୧୬।୫(ସମିସ): ସୁନ୍ଦରଗଡ଼ରେ ବିଜେପିର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଂକଳ୍ପ ସମାବେଶରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଯୋଗ ଦେଇଥିଲେ। ଏଥିରେ ବିଜେପିର ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ, ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ କୁସୁମ ଟେଟେ, ତଳସରା ବିଧାନସଭା ପ୍ରାର୍ଥୀ ଭବାନୀଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାନସଭା ପ୍ରାର୍ଥୀ ନରସିଂହ ମିଞ୍ଜ ମଧ୍ୟ ନିଜ ବକ୍ତବ୍ୟ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ବରିଷ୍ଠ ବିଜେପି ନେତା ସମୀର ମହାନ୍ତି, ଯଶବନ୍ତ ନାଏକ, ମେଘନାଦ ନାଏକ, ସନ୍ତୋଷ ଅମାତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଜେପିର ସୁନ୍ଦରଗଡ଼ ସାଙ୍ଗଠାନିକ ଜିଲ୍ଲା ପକ୍ଷରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସୁନ୍ଦରଗଡ଼ରେ ଝାଡଖଣ୍ଡ ପିସିସି କାର୍ଯ୍ୟକାରୀ ସଭାପତିଙ୍କ ନିର୍ବାଚନ ପ୍ରଚାର



**ସୁନ୍ଦରଗଡ଼, ୧୬।୫(ସମିସ):** ଝାଡଖଣ୍ଡ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ବନ୍ଧୁ ତିର୍କୀ ବୁଧବାର ସୁନ୍ଦରଗଡ଼ ସହରରେ ଦଳୀୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ୧୦ ନମ୍ବର ଓାର୍ଡରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଥିଲେ। ସାମାଜିକ କର୍ମୀ ଦୟାମଣି ବାର୍ଲା, ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଅଭିଷେକ ତ୍ରିପାଠୀ, ପ୍ରଦେଶ ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ, ଡିସିସି କାର୍ଯ୍ୟକାରୀ ସଭାପତି ଆଲବର୍ଟ କିଣ୍ଡୋ ଆନ୍ଥୋନି କୁଲୁ, ଗେରୋଟି ଖେସ, ବିନିତା ନାଏକ, ଭୁଲକି ସେଠ, ଜୀବେଶରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। କଳ୍ପନା ଆପଟ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋଷୀ ସାବ୍ୟସ୍ତ ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କ ପେନ୍‌ସନ୍ ବନ୍ଦ



**ସୁନ୍ଦରଗଡ଼, ୧୬।୫(ସମିସ):** ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିବା ବାଲିଶଙ୍କରା ତହସିଲର ଅବସରପ୍ରାପ୍ତ ମୁଖ୍ୟ କିରାଣି ମହମ୍ମଦ ଶବିର ହୁସେନଙ୍କ ପେନସନ୍ ଓ ଗ୍ରାଚ୍ୟୁଟି ବନ୍ଦ କରି ଦିଆଯାଇଛି। ବାଲିଶଙ୍କରା ତହସିଲ ଅଧୀନ ରାମପୁର ଗ୍ରାମର ଆଲାମ ସୁରଜିତ ତିର୍କୀ ତାଙ୍କ ଜମି ପଟ୍ଟାରେ କଲମ-୨ ସଂଶୋଧନ ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଉକ୍ତ ସଂଶୋଧନ ପାଇଁ ତତ୍କାଳୀନ ମୁଖ୍ୟ କିରାଣି ମହମ୍ମଦ ହୁସେନ ତାଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସୁରୁଖୁରରେ କାମ ହେବା ଆଶାରେ ସୁରଜିତ ତାଙ୍କୁ ୨ ହଜାର ଟଙ୍କା ଦେଇଥିଲେ ହେଁ ମୁଖ୍ୟ କିରାଣି କାମ ସମ୍ପୂର୍ଣ୍ଣ କରିବାକୁ ଆହୁରି ୨ ହଜାର ଟଙ୍କା ଦାବି କରିଥିଲେ। ଏହା ବିରୋଧରେ ସୁରଜିତ ସମ୍ବଲପୁର ଦୁର୍ନୀତି ନିବାରଣ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଦୁର୍ନୀତି ନିବାରଣ ବିଭାଗର ଯୋଜନା ମୁତାବକ ସୁରଜିତ୍ ଦୁର୍ନୀତି ନିବାରଣ ବିଭାଗର ରସାୟନିକ ପ୍ରଲେପ ବୋଳା ୨ ହଜାର ଟଙ୍କା ମୁଖ୍ୟ କିରାଣିଙ୍କୁ ପ୍ରଦାନ କରୁଥିବାବେଳେ ଦୁର୍ନୀତି ନିବାରଣ ଅଧିକାରୀମାନେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରି ଗିରଫ କରିଥିଲେ। ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତରେ ଉକ୍ତ ମାମଲାର ବିଚାର ଚାଲି ଗତବର୍ଷ ନଭେମ୍ବର ୧୮ ତାରିଖରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା। ବିଚାରପତି ରାଜଲକ୍ଷ୍ମୀ ପଟ୍ଟନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲ ଓ ୨ ହଜାର ଟଙ୍କା ଜରିମାନା ତଥା ଜରିମାନା ତଥା ଅନାଦାୟ ଆହୁରି ଅଧିକ ୨ ମାସ ଜେଲ ଦଣ୍ଡ ଦେଇଥିଲେ। ଏହାପରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତାଙ୍କ ପେନ୍‌ସନ୍ ଓ ଗ୍ରାଚ୍ୟୁଟି ବନ୍ଦ କରିବାକୁ ସୁପାରିଶ କରାଯାଇଥିଲା।

# ଟାଙ୍ଗରପାଲି ବ୍ଲକରେ ସିପିଆଇର ନିର୍ବାଚନ ପ୍ରଚାର



**ସୁନ୍ଦରଗଡ଼, ୧୬।୫(ସମିସ):** ସିପିଆଇର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ନାଏକ ଟାଙ୍ଗରପାଲି ବ୍ଲକରେ ୨ ଦିନ ଧରି ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ସେ ଦଲଦଲି, ନଦୀସୁଗୁଡ଼ା, ତିନିକୁଡା, କାଲୋବାହାଲ, ପଣ୍ଡରିପାନି, ଗମ୍ଭାରିଡିହି, ବେଲସରା, ଖୁଟମୁଣ୍ଡା ଆଦି ଗ୍ରାମରେ ଘରଘର ବୁଲି ଭୋଟ ଭିକ୍ଷା କରିଥିଲେ। ଅନେକ ସ୍ଥାନରେ ପଥପ୍ରାନ୍ତ ସଭାକରି ସଦର ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବେକାରି ସମସ୍ୟାର ସମାଧାନ ପାଇଁ ମୁଁ ମୋର ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ସାମୂହିକ ସ୍ୱାର୍ଥ ରକ୍ଷା ପାଇଁ ଅନବରତ ସଂଗ୍ରାମ ଜାରି ରଖିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଉଜ୍ଜ୍ୱଳପୁର ପାର୍ଟି କାର୍ଯ୍ୟାଳୟରେ ମିଶ୍ରଣ କାର୍ଯ୍ୟକ୍ରମ କରା ଯାଇଥିଲା। ଏଥିରେ ବାମପନ୍ଥୀ ବିଚାରଧାରାରେ ବିଶ୍ୱାସ ରଖୁଥିବା ପ୍ରାୟ ୧୬୪ ଜଣ ଲୋକ ସିପିଆଇରେ ବିଧିବଦ୍ଧ ଭାବରେ ଯୋଗଦାନ କରିଥିଲେ। ସମସ୍ତଙ୍କୁ କମ୍ୟୁନିଷ୍ଟ ପାର୍ଟି ଲାଲ ଗାମୁଛା ପ୍ରଦାନ କରି ସମ୍ବର୍ଦ୍ଧନା କରା ଯାଇଥିଲା। ଜିଲ୍ଲା ସହ ସମ୍ପାଦକ ସୁନୀଲ କୁମାର ନାଏକ ସମସ୍ତଙ୍କୁ ପାର୍ଟିର ପରମ୍ପରା ଅନୁଯାୟୀ ଶପଥ ପାଠ କରାଇଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ଏଆଇଏସଏଫ୍‌ର ଜାତୀୟ ଉପ ସଭାନେତ୍ରୀ ସଂଘମିତ୍ରା ଜେନା, ପାଚିକା ସହାୟିକା ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଡ, ନିର୍ମାଣ ଶ୍ରମିକ ନେତ୍ରୀ ଗୋଲାପୀ ବନଛୋର, ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, ବର୍ଷିଆନ ବାମପନ୍ଥୀ ନେତା ଦୁର୍ଯ୍ୟୋଧନ ଭୋଇ, ନୀଳମଣି କାଲୋ, ଭୋଲାନାଥ ଭୋଏ, ଟୁନା ସା, ପ୍ରଶାନ୍ତ ଘାସି, ସୁଲୋଚନା ଭୋଏ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବର ସ୍ଥାପନା ଦିବସ ପାଳିତ






**ସୁନ୍ଦରଗଡ଼, ୧୬।୫(ସମିସ):** ସୁନ୍ଦରଗଡ଼ ଟାଉନ ରୋଟାରୀ କ୍ଲବ୍ ପ୍ରାଙ୍ଗଣରେ କ୍ଲବର ୨୭ତମ ସ୍ଥାପନା ଦିବସ ପାଳିତ ହୋଇଛି। କ୍ଲବ୍ ସଭାପତି ରୋଟାରିଆନ ବାଲ ଗୋପାଳ ମିଶ୍ର ଏଥିରେ ପୌରୋହିତ୍ୟ କରି ରୋଟାରି କ୍ଲବ୍‌ର ୨୭ ବର୍ଷର ନିରବଚ୍ଛିନ୍ନ ସେବା ଏବଂ କ୍ଲବ୍ ଦ୍ୱାରା ସମ୍ପାଦିତ ବିଭିନ୍ନ ଉନ୍ନୟନମୂଳକ ସମାଜସେବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ନବନିର୍ବାଚିତ ଭବିଷ୍ୟତ ପ୍ରାନ୍ତପାଳ ରୋଟାରିଆନ ଆଲମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକ ଯୁବତୀ ମାନଙ୍କୁ ଅଧିକ ସଂଖ୍ୟାରେ କ୍ଲବ୍‌ର ସଦସ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ନବ ନିର୍ବାଚିତ ପ୍ରାନ୍ତପାଳ ରୋଟାରିଆନ ଆରମ୍ ସିଂହ ରପ୍ରା ସେବା କାର୍ଯ୍ୟକୁ ଆହୁରି ବିସ୍ତାରିତ କରିବା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରିବା ଦିଗରେ ମାର୍ଗଦର୍ଶନ କରିଥିଲେ। ରୋଟାରିଆନ ହରପାଲ ରପ୍ରା ମଞ୍ଚାସୀନ ଥିଲେ। ଏହି ଅବସରରେ ସକାଳ ୯ ଟାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପଥଚାରି ଏବଂ ରୋଗୀ ମାନଙ୍କ ପାଇଁ ସରବତ ଓ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। ସେହିପରି ସ୍ୱର୍ଗତ ଲଳିତ କୁମାର ରାଉତଙ୍କ ସ୍ମୃତିରେ ତାଙ୍କ ପୁତ୍ର ଜଗଦୀଶ ରାଉତଙ୍କ ସହାୟତାରେ କ୍ଲବ୍ ଦ୍ୱାରା ତୁଷାର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଏକ ଥଣ୍ଡା ପାନୀୟ ଯନ୍ତ୍ରର ଲୋକାର୍ପଣ କରାଯାଇଥିଲା। ଏହାକୁ କ୍ଲବ୍‌ର ବରିଷ୍ଠ ସଦସ୍ୟ ରୋଟାରିଆନ ଫାୟଜ ହୁସେନ ଅଲ୍ଲୀ ଉଦ୍‌ଘାଟନ କରିଥିଲେ ଏବଂ ଜଳ ଛତ୍ରକୁ ଉଦ୍‌ଘାଟନ କରିଥିଲେ। ରୋଟାରୀକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ୯ ଜଣ ସଦସ୍ୟଙ୍କୁ ମରହରିସ୍ ସମ୍ମାନ ଓ ପିନ୍ ପ୍ରଦାନ କରାଯାଇଥିଲା। ରୋଟାରିଆନ ଚୈତାଳି ଦତ୍ତ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ରୋଟାରିଆନ ବିଶ୍ୱ ରଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଡିଏଭି ପବ୍ଲିକ ସ୍କୁଲରେ ଏକ ଦିବସୀୟ ଗ୍ରାଫିକ୍ କର୍ମଶାଳା

**ସୁନ୍ଦରଗଡ଼, ୧୬।୫(ସମିସ):** ଏମ୍‌ସିଏଲ ଦ୍ୱାରା ପରିଚାଳିତ ଲେଫ୍ରିପଡ଼ା ବ୍ଲକ ଅଧୀନ ଛଟେନପାଲି ଡିଏଭି ପବ୍ଲିକ ସ୍କୁଲରେ ଅଧକ୍ଷ ରଞ୍ଜନ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଏକ ଦିବସୀୟ ଡିଜିଟାଲ ଗ୍ରାଫିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପ୍ୟୁଟର ଗ୍ରାଫିକ ବିଶେଷଜ୍ଞ ବିବେକ କୁମାର ନାଏକ ଯୋଗ ଦେଇ କମ୍ପ୍ୟୁଟର କୌଶଳଭିତ୍ତିକ ଶିକ୍ଷା ପ୍ରଦାନ କରିଥିଲେ। କର୍ମଶାଳାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ପ୍ରମାଣପତ୍ର ତିଆରି, ପ୍ରବେଶ ପତ୍ର ତିଆରି, ଥମ୍ବନେଲ, ନିମନ୍ତ୍ରଣପତ୍ର ତିଆରି, ବିଷୟରେ ଶିକ୍ଷାଲାଭ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ସମୟରେ ଏବଂ କାର୍ଯ୍ୟାଳୟର କାମରେ ମଧ୍ୟ କମ୍ପ୍ୟୁଟର କୌଶଳ ସର୍ବଦା ଆବଶ୍ୟକତା ଅଛି ବୋଲି ଅଧକ୍ଷ ପଟେଲ ଶିକ୍ଷୟିତ୍ରୀଙ୍କୁ ବୁଝାଇ କହିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ପାଢ଼ୀ, ଆୟୁଷୀ ପଟେଲ, ସାଇନା ଦାସ, ଅଳକା ପାଲ, ରେଣୁକା ସାହୁ, ଏଲପ୍ରଜ୍ଞା ପାରମିତା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଟ୍ରାକ୍ଟର ଧକ୍କାରେ ପଥଚାରୀ ମୃତ

ସୁନ୍ଦରଗଡ଼, ୧୬।୫(ସମିସ): ସୁନ୍ଦରଗଡ଼ ସଦର ଥାନା ଅଧୀନ ଜବତଗଡ଼ ଠାରେ ଟ୍ରକ୍ଟର ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଗୋବିନ୍ଦ ମାଝୀ (୪୯) ବୋଲି ଜଣାପଡ଼ିଛି। ଗୋବିନ୍ଦ ଜଗତଗଡ଼ ଗ୍ରାମର ବାସିନ୍ଦା ହୋଇଥିଲେ ହେଁ ସେ ଫଗୁଆପଡ଼ାରେ ଘର କରି ରହୁଥିଲେ। ଗୁରୁବାର ସକାଳେ ସେ ତାଙ୍କ ପୁରୁଣା ଘରକୁ ଆସି ଘରୁ ଗାଁ ଦାଣ୍ଡକୁ ବାହାରୁ ଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏହି ଟ୍ରାକ୍ଟରଟି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ପୁଲିସ ମୃତକଙ୍କ ଶବ ଜବତ କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ମାମଲା ରୁଜୁକରି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଏବଂ ଚାଳକଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ଟ୍ରାକ୍ଟରକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ସୁନ୍ଦରଗଡ଼, ୧୬।୫(ସମିସ): ଭଷ୍ଣା ଥାନା ଅଧୀନ ମସ୍ଜିକାନୀ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଟ୍ରାକ୍ଟରକୁ ରୁପେଶ ଧୁଆ (୪୦)ଙ୍କ ବାଇକ ଧକ୍କା ଦେଇଥିଲା। ରୁପେଶ ତାଙ୍କ ବାଇକ୍‌ରେ ଆସୁଥିବା ବେଳେ ଅସାବଧାନବଶତଃ ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତା କ୍ରମେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ଚବିଶପ୍ରହର ନାମ ସଙ୍କୀର୍ତ୍ତନ, ଛପନ ଭୋଗ ଅର୍ପଣ



**ହେମଗିରି, ୧୬।୫(ସମିସ):** ହେମଗିରି ପାପପଡ଼ାଠାରେ ଶ୍ରୀ ଗୋପାଳ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଚବିଶ ପ୍ରହର ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଛି। ମଙ୍ଗଳବାର କଳଶଜାତ୍ରା ସହ ଅଧିବାସ ଅନୁଷ୍ଠିତ ହୋଇ ନାମଯଜ୍ଞ ଆରମ୍ଭ ହୋଇଛି। ଗୁରୁବାର ଛପନଭୋଗ ଲାଗି କାର୍ଯ୍ୟକ୍ରମ ହୋଇଥିବାବେଳେ ଶୁକ୍ରବାର ନଗର ପରିକ୍ରମା, ସନ୍ଧ୍ୟାରେ ଦଧି ହାଣ୍ଡି ଭଞ୍ଜନ ସାଙ୍ଗକୁ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ପ୍ରାୟ ତିରିଶଟି ସଙ୍କୀର୍ତ୍ତନ ଦଳଙ୍କ କଳା ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରବୀନ୍ଦ୍ର ସେଠ ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ବହନ କରିଥିଲେ। ଗୋପାଳ ସଙ୍କୀର୍ତ୍ତନ ମଣ୍ଡଳୀ ପାପପଡ଼ା, ହେମଗିରିର ସଭାପତି ସରୋଜ ସେଠ୍ ଏବଂ ସମ୍ପାଦକ ତେଜରାମ ପଟେଲ ସହଯୋଗ କରୁଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ମହେଶ୍ୱର ମାଣ୍ଡୋଇ
ଆବିର୍ଭାବ: ୨୫.୦୫.୧୯୩୭
ତିରୋଧାନ: ୦୭.୦୫.୨୦୨୪
କାଠଖୁଣ୍ଟିଆ, ବେଗୁନିଆ, ଖୋର୍ଦ୍ଧା

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ପୁତ୍ର: କୈଳାସ, ବଳରାମ, ଭରତ, ଶତ୍ରୁଘନ ଓ ଲକ୍ଷ୍ମୀଧର, ଝିଅ: ଶାନ୍ତିଲତା ଓ ଶୈଳବାଳା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ

# ବାଲିଶଙ୍କରାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର



ବାଲିଶଙ୍କରା, ୧୬।୫(ସମିସ): ତଳସରା ନିର୍ବାଚନ ମଣ୍ଡଳୀର ବାଲିଶଙ୍କରା ବ୍ଲକର ପ୍ରସିଦ୍ଧ ଶୈବପୀଠ ଶୁଖା ମହାଦେବ ଶିବ ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ତରଫରୁ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ଏହି ମହିଳା ସମାବେଶରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗରିବ କଲ୍ୟାଣ ଯୋଜନା ଓ ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ହେଲେ ଓଡ଼ିଶାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ଓ ତଳସରା ବିଧାନସଭା ପ୍ରାର୍ଥୀ ଭବାନୀ ଶଙ୍କର ଭୋଇଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, ମନ୍ତ୍ରୀ କେଦାରନାଥ କଶ୍ୟପ, ଜେପି ଚୌଧୁରୀ, ଦୀନେଶ ଜୈନ, ପ୍ରବୋଧ ତିର୍କି, ଭାରତ ସାଏ, ତଳସରା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ, ଯୁଦେଇ ସିଂ ଦେଓ, ବଟ କିଶୋର ମିଶ୍ର, ରବି ପଟେଲ, ସୁରେନ୍ଦ୍ର ସାହୁ, ଯୁବନେତା ରଜତ ପଟେଲ ଏହିପରି ବିଜେପିର ବରିଷ୍ଠ ନେତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ମହିଳା ବିଶାଳ ସମାବେଶରେ ଓଡ଼ିଶା, ଛତିଶଗଡ଼ ରାଜ୍ୟରୁ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସଭା ସଞ୍ଚାଳନ ଓ ଅତିଥି ପରିଚୟ ଅମୀର ନାଏକ ତୁଲାଇଥିଲେ। ବିଜେପିର ଧ୍ରୁବ କାଲୋ, ବୈକୁଣ୍ଠ କାଲୋ, ଦୁର୍ଗାଚରଣ ପଟେଲ, ବାଲିଶଙ୍କରା ମଣ୍ଡଳ ସଭାପତି ଉଛବ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ତଳସରାର ପୂର୍ବତନ ବିଧାୟକ ଡ.ପ୍ରଫୁଲ୍ଲ ମାଝୀଙ୍କ ପତ୍ନୀ ତଥା ପୂର୍ବତନ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା ତ୍ରିବେଣୀ ମାଝୀ ବିଜେପିରେ ଯୋଗ ଦେଇଥିଲେ।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସ୍ୱଚ୍ଛତା ପକ୍ଷ



ସୁନ୍ଦରଗଡ଼, ୧୬।୫(ସମିସ): ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏହି ଅବସରରେ ଗୁରୁବାର ସକାଳେ ପ୍ରଭାତ ଫେରି କରା ଯାଇଥିଲା। ଏଥିରେ ଟାଉନ୍‌ସିପରେ ରହୁଥିବା ସଶକ୍ତିକରଣ ଅଭିଯାନର ୧୨୦ ଜଣ ବାଳିକା ବିଭିନ୍ନ ସ୍ଲୋଗାନ ଦେଇ ଶୁଭ୍ରଜ୍ୟୋତି ନଗର ପରିକ୍ରମା କରିଥିଲେ। ସେହିପରି ୱାକାଥନ୍ ଏବଂ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ପରିଷ୍କାର ପରିଚ୍ଛନ୍ନତା ପ୍ରକଳ୍ପ ମୁଖ୍ୟ ଏଚ୍. ହରେ ରାମ ସିଂ, ସାଧାରଣ ପରିଚାଳକ (ଓ ଆଣ୍ଡ ଏମ୍) ବିଶାଲ ମଥୁର, ସାଧାରଣ ପରିଚାଳକ (ପ୍ରୋଜେକ୍ଟ) ଏ.କେ କାମିଲାଙ୍କ ସମେତ ପାଉଁଶ ପରିଚାଳନା ସାଧାରଣ ପରିଚାଳକ, ଅଭିଲାଶା ଲେଡିଜ୍ କ୍ଲବ ସଭାପତି, ସଦସ୍ୟ, ସିଏମଓ, ଏସିସିଏସ୍‌ଏଫ୍ ଏବଂ ଅନ୍ୟ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସିଏସ୍‌ଏଫ୍ ଅଧିକାରୀ ଓ ଅନ୍ୟ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ।

## ସାରଦାଙ୍କ ମାରାଥନ ପ୍ରଚାର

# ନାଲା ରୋଡ୍, ଛେଣ୍ଡ ଓ ମାଲଗୋଦାମରେ ଗ୍ୟାରେଣ୍ଟିକାର୍ଡ ବାର୍ତ୍ତା

**ରାଉରକେଲା, ୧୬।୫(ସମିସ):**



ରାଉରକେଲା ବିଧାନସଭା ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ମାରାଥନ ପ୍ରଚାର ଜାରି ରହିଛି। ଏହି କ୍ରମରେ ବିଭିନ୍ନ ଅଞ୍ଚଳରେ ଆଗାମୀ ଜୁନ୍ ୯ ତାରିଖରେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଉକ୍ତ ଶପଥଗ୍ରହଣ କାର୍ଯ୍ୟକ୍ରମରେ ଗୋଟିଏ ବିଜୁଳି ଛାଡ଼ ଓ ଆଉ ଗୋଟିଏ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ସେବା ଯୋଗାଇ ଦେବାକୁ ଗ୍ୟାରେଣ୍ଟିକୁ ନେଇ ଲୋକେ ଯୋଡ଼ି ଶଙ୍ଖରେ ଭୋଟ ଦେବେ ବୋଲି ପ୍ରକାଶ ପାଇଛି। ଫଳରେ ଲୋକଙ୍କମଧ୍ୟରେ ପ୍ରବଳ ଉତ୍ସାହ ବିଜେଡି ସପକ୍ଷରେ ଦେଖାଦେଇଛି। ପ୍ଲାଣ୍ଟସାଇଡ୍, ନାଲାରୋଡ, ଛେଣ୍ଡ କଲୋନୀ ଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ଆଗାମୀ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂଆ ରାଉରକେଲା ଗଠନର ଏକ ବ୍ଲୁପ୍ରିଣ୍ଟ କରାଯାଇଛି। ଯାହାକି ସମଗ୍ର ଦେଶରେ ରାଉରକେଲା ଏକ ଉନ୍ନତ ସହର ଭାବେ ପରିଗଣିତ ହେବ ବୋଲି ମତପ୍ରକାଶ ପାଇଛି। ପୂର୍ବରୁ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ସହିତ ମୋ ବସ୍ ଯୋଜନା, ବରିଷ୍ଠ ନାଗରିକଙ୍କ ଭତ୍ତା ୫୦୦ରୁ ୧୦୦୦ ଟଙ୍କାକୁ ବୃଦ୍ଧି, ମୁକ୍ତା ଯୋଜନାରେ ମହିଳାଙ୍କୁ ଆତ୍ମ ନିର୍ଭରଶୀଳତା, ଆହାର କେନ୍ଦ୍ର, ଅର୍ବାନ ହସ୍ପିଟାଲ, ଅତ୍ୟାଧୁନିକ ପରିବା ହାଟ, ଅତ୍ୟଧୁନିକ ପୁଷ୍କରଣୀ ସମେତ ବିଭିନ୍ନ ଜନହିତକର କାର୍ଯ୍ୟ ସହରବାସୀଙ୍କ ଉତ୍ସାହିତ କରିଛି ବୋଲି ମତ ପ୍ରକାଶ ପାଇଛି। ସେହିପରି ବାସନ୍ତୀ କଲୋନୀସ୍ଥିତ ମାଲଗୋଦାମ ବସ୍ତିଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରଦାପ୍ରସାଦ ନାୟକ କହିଥିଲେ ଯେ, ରାଉରକେଲାର ବିକାଶ ସୁନ୍ଦରଗଡ଼ର ବିକାଶକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ନବୀନ ପଟ୍ଟନାୟକଙ୍କ ପ୍ରାଥମିକତା ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ଆଗକୁ ନେବା ଆବଶ୍ୟକ। ତାଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଜେଡିକୁ ଜିତାଇବା ଆବଶ୍ୟକ ବୋଲି କହିଥିଲେ। ସେହିପରି ସୁନ୍ଦରଗଡ଼ ଲୋକସଭା ଆସନର ବିଜେଡି ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ସହ ତାଙ୍କ ଉଦ୍ୟମରେ ରାଉରକେଲାରେ ହକି ଷ୍ଟାଡ଼ିୟମ ହେବା ସହ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ହୋଇପାରିଛି। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲ୍ଲାର ଉନ୍ନତି କରିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ଅନୁରୋଧ କରିଥିଲେ। ସହରର ବିକାଶକୁ ଅଗ୍ରାଧିକାର ଦେଇ ଯୋଡ଼ି ଶଙ୍ଖ ତଥା ଗୋଟିଏ ବିଧାନସଭା ଓ ଗୋଟିଏ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ସାରଦା ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

## ପ୍ରଶାସନର ହସ୍ତକ୍ଷେପ ପରେ ହଟିଲା ରାସ୍ତାରୋକ

**ବଣାଇଁ, ୧୬।୫(ସମିସ):** ବଣାଇଁ ଥାନା ଅଧୀନ ବାରକୋଟ୍ ରାଜାମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର ଇନ୍ଦ୍ରପୁର ନିକଟରେ ଏକ ପିକଅପ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ଶବ ରଖି ରାସ୍ତାରୋକ କରିଥିଲେ। ସୂଚନା ଅନୁସାରେ ବୁଧବାର ରାତିରେ ଇନ୍ଦ୍ରପୁର ଗ୍ରାମ ଭିତରଢିପା ସାହିର ଦୟାନିଧି ପାତ୍ର(୩୨) ଶୌଚ ହେବା ପାଇଁ ରାସ୍ତା ଯାଉଥିବାବେଳେ ତାଙ୍କୁ ପିକଅପ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର ଶବ୍ଦଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ପରେ ରାସ୍ତା ଉପରେ ଶବକୁ ରଖି ରାସ୍ତାରୋକ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଗାଡି ମଟର ଅଟକି ରହିଥିବାବେଳେ ଖବର ପାଇ ବଣାଇ ପୁଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବଣାଇଁ ତହସିଲଦାର ଅଶୋକ କୁମାର ଗର୍ଡିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧକୁ ହଟାଇ ଥିଲେ। ମୃତ ଯୁବକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କାର ସହାୟତା ଅର୍ଥ ପ୍ରଦାନ କରିବା ସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମଧ୍ୟ ଉପସ୍ଥିତ ରହି ଅନ୍ତିମସଂସ୍କାର କାର୍ଯ୍ୟପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ତିନିହଜାର ଟଙ୍କା ପ୍ରଦାନ କରିବାକୁ କହିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇବା ସହ ଘଟଣାର ତଦନ୍ତ କରୁଥିବାବେଳେ ଦୁର୍ଘଟଣା ଘଟାଇ ଫେରାରଥିବା ଗାଡ଼ିଟି ଆଜି ସକାଳୁ ଟିକାୟତ ପାଲି ଥାନା ଅଧୀନ ବିଜାକୁଳି କଣ୍ଟାପାଲି ରାସ୍ତାରେ ଠାବ ହୋଇଛି।




# ବଣାଇଁ ବିଜେପିର ସଂକଳ୍ପ ସମାବେଶ



**ବଣାଇଁ, ୧୬।୫(ସମିସ):** ବିଜେପିର ଷ୍ଟାର୍ ପ୍ରଚାରକ ଭାବେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୁରୁବାର ଦିନିକିଆ ବଣାଇଁ ଗସ୍ତରେ ଆସି ବଣାଇଁ ନିର୍ବାଚନମଣ୍ଡଳୀର ଲହୁଣୀପଡ଼ା ବ୍ଲକ ବଡ଼ ପୁରୁଣାପାଣି ଫୁଟବଲ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଛନ୍ତି। ଅପରାହ୍ଣରେ ସଭାସ୍ଥଳରେ ପହଞ୍ଚିବା ପରେ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜେପିର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଜୁଏଲ ଓରାମ ଓ ବଣାଇଁ ବିଧାନସଭା ପ୍ରାର୍ଥୀ ସେବତୀ ନାଏକଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ସମାବେଶରେ ବଣାଇଁ ରାଜା ସାହେବ ବୀରକେଶରୀ ଇନ୍ଦ୍ର ଦେଓଦେବ, ବରିଷ୍ଠ କର୍ମକର୍ତ୍ତା ରମେଶ ଅଗ୍ରୱାଲ, ଚୈତନ୍ୟ ଦୀପ ନାଏକ, ରାହାସ ବିହାରି ପ୍ରଧାନ, ସଭାପତି ମନୋଜ ପ୍ରଧାନ, ହେମନ୍ତ ସାହୁ, ସମ୍ପାଦକ ଅଭିରାମ ମାହାକୁଡ଼, ଉଗ୍ରସେନ କିସାନ, ପରମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ବିଶାଳ ବାଇକ୍ ରାଲି

# ଭୋଟ୍ ଭିକ୍ଷାକଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ





**ରାଜଗାଙ୍ଗପୁର, ୧୬।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର ଚାଲୁଥିବା ଦେଖିବାକୁ ମିଳୁଛି। ବିଧାୟକ ପ୍ରାର୍ଥୀ ଅନିଲ ବରୁଆ ଓ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ଏକ ବାଇକ୍ ରାଲିରେ ସାମିଲ ହୋଇ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଆସିନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ଟାଣ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଉକ୍ତ ରଲିରେ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ବିଧାୟକ ପ୍ରାର୍ଥୀ ଅନିଲ ବରୁଆ, ରାଜଗାଙ୍ଗପୁର ପର୍ଯ୍ୟବେକ୍ଷକ ଧର୍ମେଷ ନାୟକ, ମାଧୁରୀ ଲୁଗୁନ, ଉପ ନଗରପାଳ ଏମ୍‌ଡି ଇରଫାନ, ସୁଶ୍ରୀତା ପାଇକରାୟ, ଅମରେଶ ପଣ୍ଡା, ରାଜେନ୍ଦ୍ର ଲେଙ୍କା, ରାଜେନ୍ଦ୍ର ବେହେରା, ପ୍ରିୟଦର୍ଶିନୀ ଭୋଇ, ରଶ୍ମୀ ଏକ୍କାଙ୍କ ସମେତ ବହୁସଂଖ୍ୟାରେ ବିଜେଡି ମହିଳା ଯୁବ କର୍ମୀ ସାମିଲ ହୋଇଥିଲେ।

# ନୂତନ ପ୍ଲେଟ୍ ମିଲ୍‌ର କ୍ୟାଚ୍‌ର ଆସେମ୍ବିଲ ମରାମତି

**ରାଉରକେଲା, ୧୬।୫(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସପ୍-ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍‌ର କର୍ମଚାରୀମାନେ ରୋଲିଂ ପ୍ଲେଟମାନ ରକ୍ଷାପାଇଁ ନୂତନ ପ୍ଲେଟ୍ ମିଲ୍‌ର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚର୍ ଆସେମ୍ବିଲ୍‌ର ନିଜସ୍ୱ ଭାବେ ମରାମତି କରି ସେମାନଙ୍କର ଦକ୍ଷତା ଏବଂ ପାରଦର୍ଶିତାକୁ ଦୋହରାଇଛନ୍ତି। ଏହି ପ୍ରୟାସ ମିଲ୍‌ର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ସହିତ ଏହି ପ୍ରୟାସରେ ବିପୁଳ ପରିମାଣର ଖର୍ଚ୍ଚ ସଞ୍ଚୟ ହୋଇପାରିଛି। ମିଲର ପାସ୍ ଲାଇନ୍ ଉପରେ ଫିନିସିଂ ମିଲର ପ୍ରବେଶ ଏବଂ ପ୍ରସ୍ଥାନ ପାର୍ଶ୍ୱରେ ରଣନୈତିକ ଭାବରେ ସ୍ଥାପିତ କ୍ୟାଚର ଆସେମ୍ବିଲଗୁଡିକ ରୋଲ୍ କୁଲିଂ ସ୍ପ୍ରେ ଜଳ ସଂଗ୍ରହରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ଏହି ଜଳ, ଯଦି ଯାଞ୍ଚ ହୋଇ ନ ଥାଏ, ପ୍ଲେଟଗୁଡିକ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ବର୍ଷ ବର୍ଷ ଧରି ଅନବରତ କାର୍ଯ୍ୟ କରିବା ପରେ କ୍ୟାଚ୍‌ର ଆସେମ୍ବିଲର ପ୍ରତିଫଳକ ପ୍ଲେଟଗୁଡିକର କ୍ଷୟ ହୋଇଯାଇଥିଲା। ସପ୍-ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ବିଭାଗର ଜିଏମ୍ ଏସ୍‌ସି ସାବତଙ୍କ ମାର୍ଗଦର୍ଶନରେ ମରାମତି ପ୍ରକ୍ରିୟାର ପରିସର ସ୍ଥିର ହୋଇଗଲା। ଆହ୍ୱାନଗୁଡିକ ସତ୍ତ୍ୱେ ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ବିଭାଗର ସାମୂହିକ ଏହି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ସେମାନଙ୍କର ପୂର୍ବ କାର୍ଯ୍ୟକ୍ଷମତାକୁ ଫେରାଇଆଣିବା ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲେ। କ୍ଷତିଗ୍ରସ୍ତ ପ୍ରୋଫାଇଲ୍ ବ୍ରେଡ୍ ପ୍ଲେଟଗୁଡିକର ସ୍ଥାନାନ୍ତର ଏବଂ ଅତିରିକ୍ତ ଷ୍ଟିଫନର୍ ସହିତ ଦୃଢିକରଣ ସହିତ ଜଡିତ ଏକ ଯତ୍ନଶୀଳ ପ୍ରକ୍ରିୟା ମାଧ୍ୟମରେ, କ୍ୟାଚର୍ ଆସେମ୍ବଲିଗୁଡିକ ସେମାନଙ୍କର ସର୍ବୋଚ୍ଚ ସ୍ଥିତିରେ ପୁନଃସ୍ଥାପନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ଉଚ୍ଚ ମୂଲ୍ୟର ସ୍ପେୟାରଗୁଡିକର ସଫଳ ମରାମତି ନା କେବଳ ନୂତନ ପ୍ଲେଟ୍ ମିଲ୍ ଫିନିସିଂ ମିଲ୍ ର ନିରବଚ୍ଛିନ୍ନ କାର୍ଯ୍ୟକୁ ସୁନିଶ୍ଚିତ କରେ ବରଂ ନଗଦ ଖର୍ଚ୍ଚରେ ମଧ୍ୟ ବହୁ ସଞ୍ଚୟ ସୁନିଶ୍ଚିତ କରିଛି। ଆଭ୍ୟନ୍ତରୀଣ ପାରଦର୍ଶୀତା ଏବଂ ଅଭିନବ ସମାଧାନର ଉପଯୋଗ କରି ମିଲ୍ ଦକ୍ଷତା ଏବଂ ବ୍ୟୟ-ନିପୁଣତା ପ୍ରତି ଅଙ୍ଗୀକାରବଦ୍ଧତାର ଏକ ଉଦାହରଣ ସୃଷ୍ଟି କରିଛି।



# ଆର୍‌ଏସ୍‌ପିର ବାର୍ଷିକ ଗ୍ରୀଷ୍ମ ଶିବିରରେ ବିବିଧ କ୍ରୀଡ଼ା



**ରାଉରକେଲା, ୧୬।୫(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ ଗ୍ରୀଷ୍ମ ଶିବିର ଜାରି ରହିବା ସହ ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ, ସେକ୍ଟର -୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର ୨୦ ଇନ୍‌ଡୋର ଷ୍ଟାଡିୟମ, ବାସ୍କେଟ ବଲ୍ ପଡ଼ିଆ, କବାଡି ପଡ଼ିଆ, ଇସ୍ପାତ ସହରର ସମସ୍ତ ଖେଳ ପଡ଼ିଆରେ ପିଲାମାନଙ୍କର ବିପୁଳ ଆନନ୍ଦ ଉତ୍ସାହ ଦେଖିବାକୁ ମିଳୁଛି। ଆରଏସ୍‌ପିର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି ବହୁ ପ୍ରତୀକ୍ଷିତ ବାର୍ଷିକ କାର୍ଯ୍ୟକ୍ରମ ପିଲାମାନଙ୍କୁ ବିଭିନ୍ନ କ୍ରୀଡାରେ ସାମିଲ ହେବା ସଙ୍ଗେସଙ୍ଗେ ସେମାନଙ୍କ ପ୍ରତିଭାକୁ ଶାଣିତ କରିବା ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଞ୍ଚ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ସେକ୍ଟର ୨୦ରେ ଥିବା ଇନ୍‌ଡୋର ଷ୍ଟାଡିୟମରେ କବାଡି, ବ୍ୟାଡମିଣ୍ଟନ ଏବଂ ଟେବୁଲ ଟେନିସ ଭଳି କ୍ରୀଡ଼ା ବର୍ଗରେ ଯୁବପ୍ରତିଭାଙ୍କ ବିପୁଳ ଅଂଶଗ୍ରହଣ ଦେଖିବାକୁ ମିଳୁଛି। ଷ୍ଟାଡିୟମ ବିଭିନ୍ନ ଖେଳରେ ପିଲାମାନେ ନିମଗ୍ନ ରହିବା ସହିତ ଏହା ସମଗ୍ର ବାତାବରଣରେ ଆନନ୍ଦ, ହସ ଏବଂ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଭରି ଦେଉଛି। ବ୍ୟାଡମିଣ୍ଟନ ଶିବିରରେ ଯୋଗଦେଉଥିବା କେନ୍ଦ୍ରୀୟ ବିଦ୍ୟାଳୟର ୧୭ ବର୍ଷର ଛାତ୍ର ଶିବମ କୁହନ୍ତି, ଉତ୍କୃଷ୍ଟ ଭିତ୍ତିଭୂମି ଏବଂ ମାର୍ଗଦର୍ଶନ ଯୋଗୁଁ ମୁଁ ଅଲିମ୍ପିକ୍ସରେ ଦେଶର ପ୍ରତିନିଧିତ୍ୱ କରିବାର ମୋର ସବୁଠାରୁ ବଡ଼ ଆକାଂକ୍ଷା ଦିଗରେ ଅଗ୍ରସର ହୋଇଛି। ଗତବର୍ଷ ଶିବମ୍ କେନ୍ଦ୍ରୀୟ ବିଦ୍ୟାଳୟର ଜାତୀୟ ଚାମ୍ପିଅନସିପ୍ ବିଜେତା ହୋଇଥିଲେ। ସେଣ୍ଟ ପଲ୍ ସ୍କୁଲର ପଞ୍ଚମଶ୍ରେଣୀ ଛାତ୍ର ସାଇରିଲ ସାହୁ କୁହନ୍ତି ଯେ, ସେ ମଧ୍ୟ ଭାରତୀୟ ଜର୍ସି ପରିଧାନ କରିବା ପାଇଁ ଲକ୍ଷ୍ୟ ରଖିଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସଚିବାଳୟରେ କାର୍ଯ୍ୟରତ ତଥା ବ୍ୟାଡମିଣ୍ଟନ୍ ପ୍ରଶିକ୍ଷକ ରାଜୀବ କୁମାର ନାୟକ କୁହନ୍ତି, ଆର୍‌ଏସ୍‌ପିର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ସର୍ବଦା ଇସ୍ପାତ ସହରର ପିଲାମାନଙ୍କ ପାଇଁ ଏକ ବହୁ ପ୍ରତୀକ୍ଷିତ କ୍ରୀଡ଼ା ଇଭେଣ୍ଟ ରହିଆସିଛି ଏବଂ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏଥିରେ ପିଲାଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଛି। ୩୭ ତମ ସଂସ୍କରଣରେ ପହଞ୍ଚିଥିବା ଏହି ଗ୍ରୀଷ୍ମ ଶିବିର ଅଞ୍ଚଳରେ ଏକ ପ୍ରିୟ ପରମ୍ପରା ପାଲଟିଛି। ଏହା ପିଲାମାନଙ୍କୁ ସେମାନଙ୍କର ଆଥଲେଟିକ୍ ଦକ୍ଷତା ପ୍ରଦର୍ଶନ କରିବା ପାଇଁ କେବଳ ଏକ ସୁଯୋଗ ପ୍ରଦାନ କରେ ନାହିଁ ବରଂ ସେମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଦୃଢ ମୂଲ୍ୟବୋଧ ମଧ୍ୟ ସୃଷ୍ଟିକରେ। ଏହି ଶିବିର ଯୁବ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି କରିବା, ଚିରସ୍ଥାୟୀସ୍ମୃତି ଏବଂ ବନ୍ଧନ ସୃଷ୍ଟି କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରୁଛି।

# ରାଉରକେଲାରେ ଭୋଟ୍ ହାର ବୃଦ୍ଧି ପାଇଁ ପ୍ରଶାସନର ଉଦ୍ୟମ

**ରାଉରକେଲା, ୧୬।୫(ସମିସ)**





ଆସନ୍ତା ୨୦ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାରେ ଉଭୟ ସୁନ୍ଦରଗଡ଼ ଲୋକ ସଭା ଏବଂ ଏହା ଅଧୀନରେ ଥିବା ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବାକୁ ଯାଉଛି। ଏହି ଭୋଟ୍ ଗ୍ରହଣ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏଥର କିପରି ରାଉରକେଲା ଏବଂ ରଘୁନାଥପାଲୀ ବିଧାନସଭା କ୍ଷେତ୍ରରେ ଭୋଟ୍ ହାର ବୃଦ୍ଧିପାଇବ ତାହା ଉପରେ ବିଶେଷ ଜୋର ଦିଆଯାଉଛି। ରାଉରକେଲା ଏବଂ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରେ ଭୋଟ୍ ହାର ୬୨ ରୁ ୬୩ ପ୍ରତିଶତ ମଧ୍ୟରେ ସୀମିତ ଥିବାରୁ ଏହା କିପରି ବୃଦ୍ଧି ପାଇବ ସେ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଏକାଧିକ ପଦକ୍ଷେପ ହାତକୁ ନିଆଯାଇଛି। ମହିଳା, ପ୍ରଥମ ଥର ଭୋଟ୍ ଦେଉଥିବା ଭୋଟର, ଭିନ୍ନକ୍ଷମ ଆଦିଙ୍କ ପାଇଁ ଭିନ୍ନ ଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗୀତା ଆୟୋଜନ କରାଯିବା ସହ ମାରାଥନ, ୱାକାଥନ ଏବଂ ପଥପ୍ରାନ୍ତ ନାଟକ ର ମଧ୍ୟ ଆୟୋଜନ କରାଯାଇଛି। ସେହିପରି ଭିନ୍ନକ୍ଷମ ଭୋଟରମାନେ ମଧ୍ୟ ଲୋକମାନଙ୍କ ପାଖରେ ଭୋଟ ଦେବାର ବାର୍ତ୍ତା ପହଞ୍ଚାଇଛନ୍ତି। ବୁଥ୍ ସ୍ତରରେ ଅଧିକାରୀମାନେ ଘରକୁ ଘର ବୁଲି ସର୍ଭେ କରି ଅଧିକରୁ ଅଧିକ ଲୋକ କିପରି ଭୋଟ ଦାନ ଦିନ ବୁଥରେ ପହଁଚି ଭୋଟ ଦେବେ ସେ ନେଇ ଲୋକଙ୍କୁ ବୁଝାଇଛନ୍ତି। ଏହା ସହିତ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଥ୍ ସବୁକୁ ବିଭିନ୍ନ ଥିମ୍‌ରେ ସଜା ଯାଇଛି। ହକି ବୁଥ୍, କେବଳ ମହିଳା ଅଫିସରଙ୍କୁ ନେଇ ପରିଚାଳିତ ହେଉଥିବା ପିଙ୍କ ବୁଥ, ଯୁବ ଅଧିକାରୀମାନଙ୍କୁ ନେଇ ଯୁବ ବୁଥ ଏପରିକି ଆଦିବାସୀ ମାନଙ୍କର ଜୀବନ ଶୈଳୀକୁ ନେଇ ଏଥ୍ନିକ୍ ବୁଥ୍ ଏବଂ ଅର୍ଥାନିକ୍ ବୁଥ ଆଦିର ପରିକଳ୍ପନା କରାଯାଇଛି। ଏହା ସହିତ ଅଟୋରେ ଲୋକଙ୍କୁ ଭୋଟ ଅପିଲ ପାଇଁ ପୋଷ୍ଟର ମାରିବା ସହ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ କରି ଲୋକଙ୍କୁ ଭୋଟଦାନର ମହତ୍ୱ ବିଷୟରେ ଜଣାଇ ଦିଆଯାଉଛି। ବୁଥଗୁଡିକ ଲୋକଭୀମୁଖି ଏବଂ ଆକର୍ଷଣୀୟ କରିବା ପାଇଁ ଏକାଧିକ ବ୍ୟବସ୍ଥା କରାଯାଉଛି। ତୀବ୍ର ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବୁଥ୍ ମାନଙ୍କରେ ପାନୀୟଜଳ, ଭିନ୍ନକ୍ଷମଙ୍କ ପାଇଁ ର୍‌ୟାମ୍ପ ବ୍ୟବସ୍ଥା କରିବା ସହ ଛାମୁଣ୍ଡିଆର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହା ସହିତ ଏହି ନିର୍ବାଚନ ମଣ୍ଡଳୀରେ ଭୋଟ ଦାନର ସମୟସୀମା ବୃଦ୍ଧି କରାଯାଇଛି। ଏଠାରେ ସକାଳ ୭ ଟାରୁ ସଂଧ୍ୟା ୬ଯାଏ ମତଦାନ ଗ୍ରହଣ କରାଯିବ। ଯାହା ଫଳରେ ଲୋକମାନେ କାମରୁ ଫେରି ବୁଥ୍‌କୁ ଯାଇ ନିଜର ଭୋଟ ଦେଇ ପାରିବେ।

ରଘୁନାଥପାଲୀ ଏବଂ ରାଉରକେଲାର ଶିକ୍ଷାନୁଷ୍ଠାନରେ କାମ କରୁଥିବା ଲୋକମାନେ ଭୋଟ ଦିନ ଯେପରି ସବୈତନିକ ଛୁଟି ପାଇପାରିବାର ବ୍ୟବସ୍ଥା ହୋଇଛି। ଏହା ସହିତ ଲୋକ ରହୁଥିବା ଅଞ୍ଚଳର ଭୋଟ ଦାନ ବୃଦ୍ଧିପାଇଁ ୱାଲ ପେଟିଂର ବ୍ୟବସ୍ଥା ହୋଇଛି। ପ୍ରଶାସନକୁ ଏପରି କାର୍ଯ୍ୟରେ ସହାୟତା କରିବା ପାଇଁ ରାଉକେଲା ହୋଟେଲ ଏବଂ ରେଷ୍ଟୋରାଁ ଆସୋସିଏସନ ମଧ୍ୟ ଆଗେଇ ଆସିଛି। ନିର୍ବାଚନରେ ଭୋଟ ଦେଉଥିବା ଲୋକାମାନଙ୍କୁ ଆସୋସିଏସନ ଅର୍ନ୍ତଗତ କୌଣସି ହୋଟେଲରେ ଖାଇଲେ ସେଦିନ ୧୦% ରିହାତି ମିଳିବାର ଘୋଷଣା ହୋଇଛି। ପୁଣି ରାଉରକେଲାର ବୁଦ୍ଧିଜୀବୀମାନେ ମଧ୍ୟ ଲୋକଙ୍କୁ ଭୋଟ ଦେବାକୁ ଭିଡିଓ ବାର୍ତ୍ତା ମାଧ୍ୟମରେ ଅପିଲ କରିଛନ୍ତି। ଏହା ସହିତ ପିଆଇବି ତରଫରୁ ମଧ୍ୟ ବିଭିନ୍ନ ବସ୍ତିରେ କୁଇଜ ସୋ ଏବଂ ପଥପ୍ରାନ୍ତ ନାଟକ କରାଯାଉଛି। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ଭୋଟ ଦାନ ପାଇଁ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗାଭାଲୀ ଆଇଏଏସ ୨୦ ମେ ଅନୁଷ୍ଠିତ ହେଉଥିବା ଗଣତନ୍ତ୍ରର ଏହି ବିରାଟ ପର୍ବରେ ସମସ୍ତଙ୍କୁ ଭାଗ ନେଇ ଭୋଟ ଦେବାକୁ ଅନୁରୋଧ କରିଛନ୍ତି।

# ଡିଏଭି ଇଫ୍‌କୋର ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସଫଳତା

ପାରାଦୀପ, ୧୬।୫ (ସମିସ) : ଡିଏଭି ସ୍କୁଲ ଇଫକୋରେ ଚଳିତ ବର୍ଷ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ସଫଳତାର ଏକ ନୂତନ ପାହାଚ ସ୍ପର୍ଶ କରିଛନ୍ତି।ଉଭୟ ଶ୍ରେଣୀରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି।ମୋଟ ୨୭ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ବିଦ୍ୟାଳୟର ହାରାହାରି ଫଳ୭୨.୬୭ ପ୍ରତିଶତ ହୋଇଥିବା ବେଳେ ଶତକଡା ୯୦ ପ୍ରତିଶତରୁ ଅଧିକ ୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି।ସେମାନେ ହେଲେ ଶ୍ରୀମାନ ମହାପ୍ରସାଦ ମିଶ୍ର ୯୩.୨୯ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁଶ୍ରୀ ସିଦ୍ରା ଫାରୁକ ୯୨ ପ୍ରତିଶତ ଓ ସୁଶ୍ରୀ ଶ୍ରୁତି ସିଂହ ୯୧ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମାଧ୍ୟମିକ ପରୀକ୍ଷାରେ ମଧ୍ୟ ବିଦ୍ୟାଳୟର ହାରାହାରି ଫଳ ୭୫.୩୦ ପ୍ରତିଶତ ହୋଇଥିବା ବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ମୋଟ ସ୍କୁଲର ୬୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ସେଥିମଧ୍ୟରୁ ୯୫ ପ୍ରତିଶତରୁ ଅଧିକ ୫ ଜଣ, ୯୦ ପ୍ରତିଶତରୁ ଅଧିକ ୧୯ ଜଣ ଛାତ୍ରଛାତ୍ରୀ ରହିଛନ୍ତି।ସୁଶ୍ରୀ ଆୟଶା ସାହୁ ୯୭.୮୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରୀମାନ ଶ୍ରୀମୟ ପରିଜା ୯୭.୬୦ ପ୍ରତିଶତ ଓ ଶ୍ରୀମାନ ଏକଲବ୍ୟ ମିଶ୍ର ୯୬.୨୦ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।ଛାତ୍ରଛାତ୍ରୀମାନଙ୍କ ଏହି ସଫଳତା ପାଇଁ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ କେଜେ ପଟେଲ ଓ ଓଡିଶା ଜୋନ ଡିଏଭି ସମୂହର ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥୀ ଏବଂ ଉପନିର୍ଦ୍ଦେଶିକା ଡଃ ସୁଜାତା ସାହୁ ସାମଗ୍ରିକ ଭାବରେ ଡିଏଭି ସ୍କୁଲ ର ଅଧକ୍ଷ ସମ୍ବିତ ସୁକୁମାର ଚିନରା ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲ୍ଲା ଯାଦବ ମହାସଂଘ ନିର୍ବାଚନ କମିଟି ବୈଠକ



ରାଜନଗର, ୧୬।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଂଘ ନିର୍ବାଚନ କୋର କମିଟି ବୈଠକ ଆଜି ରାଜନଗରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯାଦବ ମହାସଂଘ ନିର୍ବାଚନ କମିଟି ଅଧ୍ୟକ୍ଷ ପ୍ରଭାକର ପଲାଇଙ୍କ ନେତୃତ୍ୱରେ ରାଜନଗର ବ୍ଲକ ଯାଦବ ମହାସଂଘ କମିଟି, ପଟ୍ଟାମୁଣ୍ଡାଇ ବ୍ଲକ ଯାଦବ ମହାସଂଘ କମିଟିର ସଦସ୍ୟଙ୍କ ସହ ଯାଦବଙ୍କ ସମସ୍ୟା, ସଂସ୍କୃତି, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବ÷÷ଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ଦାସ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ପରିଡା, କୋଷାଧ୍ୟକ୍ଷ ନବକିଶୋର ଦାସ, ରାଜନଗର ସଭାପତି ଅସିତ କବି, ସମ୍ପାଦକ ସର୍ବେଶ୍ୱର ଦାସ, ଜିଲ୍ଲା ଉପସଭାପତି କାହ୍ନୁଚରଣ ପରିଡା, ପଟ୍ଟାମୁଣ୍ଡାଇ ସଭାପତି ଅଶୋକ ବଳ, ଅଧ୍ୟାପକ ବୃନ୍ଦାବନ ଦାସ, କିଶୋର କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଅନ୍ୟ ବ୍ଲକର ଯାଦବ ମହାସଂଘ ସହିତ ବୈଠକ ପରେ ଜିଲ୍ଲା କମିଟି ନିର୍ଣ୍ଣାୟକ ନିଷ୍ପତ୍ତି ନେବ ବୋଲି ଆଜି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# କଂଗ୍ରେସ ପ୍ରାର୍ଥୀ ରତିକାନ୍ତଙ୍କ ଭୋଟ ଭିକ୍ଷା

ଡେରାବିଶ, ୧୬।୫ (ସମିସ): ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋରଦାର ହେବାକୁ ଲାଗିଛି। ବିଭିନ୍ନ ଦଳ ତରଫରୁ ପଞ୍ଚାୟତ ପରିକ୍ରମା ଓ କର୍ମୀବୈଠକ ଅନୁଷ୍ଠିତ ହେଉଛି। ଆଜି ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଡଃ ରତିକାନ୍ତ କାନୁନ୍‌ଗୋ ଡେରାବିଶ ବ୍ଲକର କାଉପଡ଼ା ପଞ୍ଚାୟତର ଗାଁକୁ ଗାଁ ଓ ଘରକୁ ଘର ବୁଲି ଜନସାଧାରଣଙ୍କ ଆଶିର୍ବାଦ ଭିକ୍ଷା କରିବା ସହିତ ହାତ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ତାଙ୍କ ସହିତ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ପଞ୍ଚାୟତର ଛାମୁଆଁ କର୍ମୀ ଏବଂ ସମର୍ଥକମାନଙ୍କ ମୋଟର ସାଇକଲ ର୍‍ୟାଲିରେ ପଞ୍ଚାୟତ ପରିକ୍ରମା କରିଥିବା ବେଳେ କଂଗ୍ରେସ ସପକ୍ଷରେ ନାରା ଦେଇଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବନ୍ଧ ଠାରେପଞ୍ଚାୟତକଂଗ୍ରେସ ସଭାପତି ନିର୍ମଳ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ



ହୋଇଯାଇଛି। ଏହି ସମ୍ମିଳନୀରେ ପାଟକୁରା କଂଗ୍ରେସେ ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ଆସନ୍ତା ନିର୍ବାଚନରେ କଂଗ୍ରେସ ଦଳକୁ ଅଧିକ ସଂଖ୍ୟାରେ ଭୋଟ ଦେବା ପାଇଁ ବୁଥ୍ ସ୍ତରରୁ ରଣକୌଶଳ ସମ୍ପର୍କରେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ନିମାଇଁ ଚରଣ ଜେନା, ଗୌରାଙ୍ଗ ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ଅରବିନ୍ଦ ସ୍ୱାଇଁ, ଦୋଳଗୋବିନ୍ଦ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଗୋଲଖ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବିଶ୍ୱାଳି ପଞ୍ଚାୟତରେ ବିଜେଡିର ଜୋରଦାର ପ୍ରଚାର





ପାରାଦୀପ, ୧୬।୫ (ସମିସ) : ଜୁନ ୧ ରେ ପାରାଦୀପ ବିଧାନସଭା ନିର୍ବାଚନ ଥିବା ବେଳେ ସାରା ପାରାଦୀପରେ ରାଜନୈତିକ ଉଷ୍ମତା ଦେଖାଦେଇଛି।ଏନେଇ ବିଜୁ ଜନତା ଦଳ ପକ୍ଷରୁ ଆଜି ଏକ ବିରାଟ ବାଇକ ରାଲି ସନ୍ଧ୍ୟାରେ ବିଶ୍ୱାଳି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା।ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ ଯୋଗ ଦେଇ ଭୋଟ ଭିକ୍ଷା କରିଥିଲେ।ଏପରିକି ପାରାଦୀପ ସମେତ କୁଜଙ୍ଗ ବ୍ଲକ ଅଞ୍ଚଳରେ କେବଳ ବିଜେଡି ସରକାରଙ୍କ ଅମଳରେ ବିକାଶ ହୋଇଛି ବୋଲି ଲୋକେ ଅନୁଭବ କରି ଷଷ୍ଠଥର ଲାଗି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ପୁନର୍ବାର ବସାଇବା ପାଇଁ ସମସ୍ତ ଭୋଟରଙ୍କୁ ନିବେଦନ କରିଥିଲେ।ଗତ ୫ ବର୍ଷ ତାଙ୍କ ସ୍ୱାମୀ ସମ୍ବିତ ରାଉତରାୟଙ୍କୁ ଜିତାଇଥିବା ବେଳେ ପୁନର୍ବାର ତାଙ୍କ ସହଧର୍ମିଣୀ ହିସାବରେ ଆଉ ଥରେ ଲୋକମାନଙ୍କର ସେବା କରିବାକୁ ଶ୍ରୀମତୀ ରାଉତରାୟ ଲୋକମାନଙ୍କୁ ନିବେଦନ କରିଥିଲେ।ଏହି ବାଇକ ରାଲିରେ ବିଶ୍ୱାଳି ପଞ୍ଚାୟତର ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟ ସତ୍ୟଭାମା ସାମଲ, ଜିଲ୍ଲା ପରିଷଦ କନକ ପ୍ରଭା ବେହେରା, ନାରିନେତ୍ରୀ ସବିତା ମହାପାତ୍ର, ରାଜକିଶୋର ପତି, ମାନ ଭଞ୍ଜନ ମଲ୍ଲଙ୍କ ସମେତ ବହୁ ବରିଷ୍ଠ ବିଜେଡି କର୍ମୀ ଉପସ୍ଥିତ ଥିଲେ। ହଜାର ହଜାର ବିଜେଡି ସମର୍ଥକ ଏହି ରାଲି ରେ ଯୋଗ ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଗୀତାଞ୍ଜଳି ରାଉତରାୟଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାପାଇଁ ସ୍ଲୋଗାନ ଦେଇଥିଲେ।ରାତି ହେଲେ ମଧ୍ୟ ଉତ୍ସାହିତ ହୋଇ ବହୁ ସଂଖ୍ୟାରେ ସାଧାରଣ ଲୋକେ ଏହି ରାଲି ରେ ଯୋଗ ଦେଇଥିଲେ।

● କୁଜଙ୍ଗରେ ବିଜେଡିର ମିଶ୍ରଣ ପର୍ବ

# ପାରାଦୀପ ଯୁବ କଂଗ୍ରେସ ସଭାପତି ଓ ମହ୍ଲାସାହି ସମିତିସଭ୍ୟା ସାମିଲ



କୁଜଙ୍ଗ,୧୬।୫(ସମିସ):ଆଜିସନ୍ଧ୍ୟା୮ଟାରେଜିଲ୍ଲାନାସୀ, ମହ୍ଲାସାହି ଓ ପାଟପୁର ପଞ୍ଚାୟତର ଶତାଧିକ କଂଗ୍ରେସ ଓ ଅନ୍ୟ ଦଳର କର୍ମୀ ପାରାଦୀପ ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। କୁଜଙ୍ଗ ବ୍ଲକ୍ ବିଜୁ ଜନତା ଦଳ ପ୍ରଚାର କମିଟି ଅଧ୍ୟକ୍ଷ ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣପର୍ବରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଉପସ୍ଥିତ ଥିଲେ। ପାରାଦୀପ ଯୁବ କଂଗ୍ରେସ ସଭାପତି ଅବିନାଶ ମଲ୍ଲିକ, ମହ୍ଲାସାହି ସମିତିସଭ୍ୟା ରାଜଶ୍ରୀ ମଲ୍ଲିକ, ଜିଲ୍ଲାନାସୀ ସମିତିସଭ୍ୟା ସମୀତା ପରିଡ଼ାଙ୍କ ସମେତ ବହୁ ନେତା ଓ କର୍ମୀ ବିଜେଡିରେ ସାମିଲି ହୋଇଥିଲେ। ଖୋଦ୍ ପାରାଦୀପ ବିଧାୟକ ରାଉତରାୟଙ୍କ ଦଳରେ ଏହି ନେତାଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ୍ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରଶ୍ମୀରଞ୍ଜନ ଦାସ, ବିଜେଡି ଜିଲ୍ଲା ଉପସଭାପତି ପୀତାମ୍ବର ତରାଇ, ପ୍ରଫୁଲ୍ଲ ପରିଡ଼ା, ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ମହ୍ଲାସାହି ପଞ୍ଚାୟତର କଂଗ୍ରେସର ବହୁ ନେତା ଓ କର୍ମୀ ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ।

# ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ରାଜନଗର, ୧୬।୫(ସମିସ): ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ବିଜେଡି କର୍ମୀ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ତରିକାରେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ନାମାଙ୍କନ ଦାଖଲ ପୂର୍ବରୁ ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ କରିଥିବାବେଳେ ଏବେ ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଆଜି ଖମାରସାହି, ମହୁଲିଆ ଓ ମହିଁଷାସୁର ପଞ୍ଚାୟତରେ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀରଞ୍ଜିତା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ନାରୀନେତ୍ରୀ ସୁଜାତା ନାୟକ, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ମହୁଲିଆ ସରପଞ୍ଚ ମଂଜୁଳା ଦାସ, ବନ୍ଧପଡ଼ା ସରପଞ୍ଚ ପୁଷ୍ପଲତା ପାତ୍ର, ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ତାଳଚୁଆ ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ଇନ୍ଦିରା ମାହୁନ୍ତ, ପ୍ରେମ ମଞ୍ଜୁଳା ପ୍ରଧାନ, ମିନତୀ ବେହେରା, ସଞ୍ଜୁ ଦାସ, ପ୍ରତୀମା ମହାନ୍ତି, ଘଡ଼ିଆମାଳ ସମିତିସଭ୍ୟା ରୁଚିସ୍ମିତା ନାୟକ ପ୍ରମୁଖ ଶତାଧିକ ମହିଳାଙ୍କ ସହ ଘରକୁ ଘର ବୁଲି ସାଢେ ୪ କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ପ୍ରତ୍ୟେକ ଘରର କବାଟରେ ଶଙ୍ଖ ଚିହ୍ନ ମାରିଥିଲେ। ଏଥିସହ ଘରକୁ ଘର ବୁଲି ରାଜନଗରର ବିକାଶ ପୁରୁଷ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିବା ସହ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି।

# ବିଜେଡିର ପ୍ରସ୍ତୁତି ବୈଠକ

ବାଲିକୁଦା,୧୬।୫(ସମିସ): ବାଲିକୁଦା ବ୍ଲକ ୧ନଂ ଜୋନ୍ ଇଛାପୁର ପଞ୍ଚାୟତର ବଡାଗରସ୍ଥ ଈଶ୍ୱର ପାର୍ବତୀଙ୍କ ପୀଠରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁଭେନ୍ଦ୍ର ଦାସ, ସରପଞ୍ଚ ରାଜଶ୍ରୀ ପୁହାଣ, ସମିତି ସଭ୍ୟ ଜ୍ୟୋତିରଞ୍ଜନ ପରିଡା, ସୋସିଆଲ ମିଡିଆ ବ୍ଲକ ସଭାପତି ରଶ୍ମୀପ୍ରଭା ମହାପାତ୍ର, ପଞ୍ଚାୟତ ସଭାପତି ଅଶ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ



ବ୍ଲକ ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ଜିଲ୍ଲା ଯୁବ ସଭାପତି ସୌମ୍ୟଜିତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଅଲେଖ ଚନ୍ଦ୍ର ସ୍ୱାଇଁ, ବିଜେଡି ନେତା ସରୋଜ କୁମାର ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ସାରଦା ଜେନାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ଶପଥ ନେଇଥିଲେ। ଏହି ବୈଠକରେ ଯୁବ ସଂଗଠକ ପପୁ ସାସମଲ, ପ୍ରମୋଦ କୁମାର ସାହୁ, ମଳୟ ପୁହାଣ, ଜୟନ୍ତ ପରିଡା, ଅଜୟ ବିଶ୍ୱାଳ, ବସନ୍ତ କୁମାର ସ୍ୱାଇଁ, ନାରାୟଣ ଦାସ, ରବୀନ୍ଦ୍ର ପରିଡା, ଭୀମସେନ ନାଥଙ୍କ ସହ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ପୋଷ୍ଟ ଅଫିସ୍‌ରେ ଟଙ୍କା ରଖି ଗ୍ରାହକ ହନ୍ତସନ୍ତ

ଓଲାଭର,୧୬।୫(ସମିସ): ବିଭିନ୍ନ ସ୍କିମରେ ଟଙ୍କା ରଖି ହନ୍ତସନ୍ତ ହେଉଛନ୍ତି ଗ୍ରାହକ। ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜକନିକା ପୋଷ୍ଟ ଅଫିସ ଅଧିନ ଓଲାଭରଠାରେ ଥିବା ସବ୍ ପୋଷ୍ଟ ଅଫିସରେ। ଓଲାଭର ସବ୍ ପୋଷ୍ଟ ଅଫିସରେ ସ୍ଥାନୀୟ ଅଞ୍ଚଳର ଗ୍ରାହକ ବନ୍ଦିତା ବରଜ, ଅମୂଲ୍ୟ କୁମାର ବେଦ, ସୁବାସ ଚନ୍ଦ୍ର ସାହୁ, ରବିନାରାୟଣ ନାୟକ, ସୁରେଶ ଚନ୍ଦ୍ର ନାୟକ, ସନ୍ଧ୍ୟାରାଣୀ ନାୟକ, ଜୟପ୍ରକାଶ ନାୟକ, ଅଭୟ କୁମାର ବରଜ, ବଳରାମ ବେହେରା, ବ୍ରହ୍ମାନନ୍ଦ ବାରିକ୍, ପ୍ରତାପ କୁମାର ବାରିକ୍, ଶୈଳେନ୍ଦ୍ର ସାହୁ ଓ ସବିତା ପାତ୍ର ପ୍ରମୁଖ ବିଭିନ୍ନ ଯୋଜନାରେ ଅର୍ଥ ନିବେଶକରି ମ୍ୟାଚ୍ୟୁରିଟି ହେବାପରେ ମଧ୍ୟ ଗ୍ରାହକମାନେ ତାଙ୍କ ମ୍ୟାଚ୍ୟୁରିଟି ଅର୍ଥ ପାଇପାରୁନାହାଁନ୍ତି। ଏମିତିକି ଲଗାତାର ୬, ୭, ୮ ମାସ ହେବ ଓଲାଭର ସବ୍ ପୋଷ୍ଟ ଅଫିସକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରୁଥିବା ନେଇ ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଏ ନେଇ ଓଲାଭର ସବ୍ ପୋଷ୍ଟ ଅଫିସର ଏସପିଏମ୍ ଅରୁଣ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସିବିସି ସିଷ୍ଟମ ହେବାପରେ ମାନୁଆଲରେ ଏଠାରେ କିଛି ହେଉନାହିଁ। ତେଣୁ ଏଠାରୁ ସମସ୍ତ ଗ୍ରାହକଙ୍କ କାଗଜ ପ୍ରସ୍ତୁତ କରି ପଠାଇଦିଆଯାଇଛି। ଡିଭିଜନ ଅଫିସ କେନ୍ଦ୍ରାପଡା ଅଫିସ କାହିଁକି ବିଳମ୍ବ କରୁଛି ଆମ ପାଖରେ ତା'ର ତଥ୍ୟ ନାହିଁ। ଆପଣ ଡିଭିଜନ ଅଫିସ ସହ ଯୋଗାଯୋଗ କରି ଆପଣମାନଙ୍କ ମ୍ୟାଚ୍ୟୁରିଟି ଟଙ୍କା ନେଇପାରିବେ। ତେବେ ଗ୍ରାମାଞ୍ଚଳର ଗ୍ରାହକମାନେ ଦୁଃଖ କଷ୍ଟରେ ଏତେ ଏତେ ପଇସା କେନ୍ଦ୍ର ସରକାରଙ୍କ ସଂସ୍ଥା ପୋଷ୍ଟ ଅଫିସରେ ରଖି ଯଦି ଏଭଳି ହଇରାଣ ହନ୍ତସନ୍ତ ହୁଅନ୍ତି, ପ୍ରାଇଭେଟ୍ ସଂସ୍ଥା କ'ଣ କରିବେ। ଏନେଇ ଯଦି ସାତଦିନ ଭିତରେ ସେମାନଙ୍କ ଟଙ୍କା ନ ପାଇବେ, ତେବେ ସେମାନେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

# ବିଜେପିର ଶତାଧିକ କର୍ମୀ ବିଜେଡିରେ ସାମିଲ



ମାର୍ଶାଘାଇ,୧୬।୫(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ମାର୍ଶାଘାଇ ବ୍ଲକ ୨୬ନଂ ଜିଲ୍ଲା ପରିଷଦ ଜୋନର ଶତାଧିକ ବିଜେପି କର୍ମୀ ବିଜେଡି ମୁହାଁ ହୋଇ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଚଳିତ ନିର୍ବାଚନରେ ବିଜୁ ପରିବାରର ସମସ୍ତ ନୂତନ ଓ ପୁରାତନ କର୍ମୀ ମିଳିମିଶି କାର୍ଯ୍ୟ କରି ଦଳୀୟ ପ୍ରାର୍ଥୀଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ମିଶ୍ରଣ ପର୍ବରେ ସଂକଳ୍ପ ନେଇଛନ୍ତି।

ମାର୍ଶାଘାଇ କ୍ରସିଂ ରୋଡ୍ ମାଳତୀ ମଣ୍ଡପରେ ବିଜେଡିର ମିଶ୍ରଣ ପର୍ବ

## ମାର୍ଶାଘାଇରେ ମିଶ୍ରଣ ପର୍ବ

ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡ଼ାଙ୍କ ପୌରୋହିତଁରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତରେ ମିଶ୍ରଣ ପର୍ବରେ ବହୁ ବରିଷ୍ଠ ବିଜେପି କର୍ମକର୍ତ୍ତା ସାମିଲ ହୋଇଥିଲେ। ଅନ୍ତେଇ ପଞ୍ଚାୟତର ବରିଷ୍ଠ ବିଜେପି କର୍ମୀ ଗୋପାଳ ସାମନ୍ତରାୟ, ରାଘବପୁର ପଞ୍ଚାୟତ ମାଣ୍ଡିଆର ନଳିନୀ ମହାପାତ୍ର, ଗରଜଙ୍ଗାର ଜାନକୀ ବଲ୍ଲବ ଦାସ, ବଡ଼ପାଳର ପ୍ରମୋଦ ଦାସ, ଗଜେନ୍ଦ୍ର ବେହେରା, ଗଙ୍ଗାଧର ଲେଙ୍କା, ପୂର୍ବତନ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ସାମନ୍ତରାୟ, ମାନସ ବାରିକ, ସୁନ୍ଦରପ୍ରସାଦ ଦାସ, ଭ୍ରମରବର ବେହେରା, ପରକୁଳା ନାରାୟଣପୁର ବିଜେପି କର୍ମୀ ପୂର୍ଣ୍ଣଜ୍ୟୋତି ଦାସ, ଉମାକାନ୍ତ ଦାସ, ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା ବିଜୁ ପରିବାର ସମସ୍ତ କର୍ମୀ ଯେପରି ବିଜେଡି ସପକ୍ଷରେ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଇବେ, ସେନେଇ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

